بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ସାପ୍ତାହିକ ବଦର

Weekly BADAR Qadian Odia

କାଦିଆନ

ଖଣ୍ଡ 4

ସଂଖ୍ୟା 30-31

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

25 ଜୁଲାଇ, 01 ଅଗଷ୍ଟ 2019 25 ୱଫା, 01ଜହୁର 1398 ହି.ଶ 21-28 ଜୁଲ୍‌କାଦାଃ 1440 ହି.କ

## ଅଲ୍ଲାଃତାଲାଙ୍କ ବାଣୀ

وَاعۡتَصِمُوۡا بِحَبۡلِ اللّٰہِ جَمِیۡعًا وَّلَا تَفَرَّقُوۡا ۪ وَاذۡکُرُوۡا نِعۡمَتَ اللّٰہِ عَلَیۡکُمۡ اِذۡ کُنۡتُمۡ اَعۡدَآءً فَاَلَّفَ بَیۡنَ قُلُوۡبِکُمۡ فَاَصۡبَحۡتُمۡ بِنِعۡمَتِہٖۤ اِخۡوَانًا ۚ (آل عمران:104)

ଅନୁବାଦ- ଏବଂ ତୁମେମାନେ ସମସ୍ତେ ଅଲ୍ଲାଃଙ୍କ ରଜ୍ଜୁକୁ ଦୃଢ଼ ଭାବେ ଧାରଣ କର; ଏବଂ (ପରସ୍ପରଠାରୁ) ପୃଥକ ହୁଅ ନାହିଁ; ଏବଂ ତୁମମାନଙ୍କ ପ୍ରତି ଅଲ୍ଲାଃଙ୍କ କୃପାକୁ ସ୍ମରଣ କର, ଯେତେବେଳେ କି ତୁମେମାନେ (ପରସ୍ପରର) ଶତ୍ରୁ ଥିଲ, ସେ ତୁମମାନଙ୍କ ହୃଦୟରେ ପ୍ରେମ ଭାବ ଜାଗ୍ରତ କରାଇଲେ, ଯଦ୍ୱାରା ତୁମେମାନେ ତାହାଙ୍କ କୃପାରୁ ଭାଇଭାଇ ହୋଇଗଲ ।

*(ଆଲେ ଇମରାନ୍: ୧୦୪)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

**ଯଦି ତୁମେ ନିଜ ସନ୍ତାନମାନଙ୍କୁ ଖ୍ରୀଷ୍ଟଧର୍ମି, ଆର୍ଯ୍ୟ ସମାଜୀ ଓ ଅନ୍ୟାନ୍ୟ ଲୋକମାନଙ୍କ କୁସଙ୍ଗତରୁ ରକ୍ଷା ନକର ଅବା ରକ୍ଷା କରିବା ପାଇଁ ପ୍ରୟାସ ନକର ତେବେ ମନେରଖ ତୁମେ କେବଳ ନିଜ ଉପରେ ଅତ୍ୟାଚାର କରିବ ନାହିଁ ବରଂ ନିଜ ଜାତି ଓ ଇସଲାମ ଉପରେ କରିବ ଏବଂ ଏହା ହେଉଛି ବହୁତ ବଡ଼ ଅତ୍ୟାଚାର । ଏହାର ଅର୍ଥ ତୁମ ଅନ୍ତରରେ ଇସଲାମ ପ୍ରତି ତିଳେ ହେଲେ ସ୍ୱାଭିମାନ ବାକି ନାହିଁ, ହଜରତ ମୁହମ୍ମଦ ସ.ଅଙ୍କ ପ୍ରତି ତୁମ ହୃଦୟରେ ନିମିତ ମାତ୍ର ସମ୍ମାନ ନାହିଁ ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

### ଆଧୁନିକ ଜ୍ଞାନକୌଶଳକୁ ଇସଲାମର ଶିକ୍ଷା ସହ ଥିବା ସାମଞ୍ଜସ୍ୟକୁ ଏକତ୍ର କରିବା ଉଚିତ

ଆବଶ୍ୟକତା ରହିଛି ଯେ ଆଜିକାଲି ଧାର୍ମିକ ସେବା ଓ ଅଲ୍ଲାଃତାଲାଙ୍କ କଲମାକୁ ସର୍ବୋଚ୍ଚ ସ୍ତରରେ ରଖିବା ଉଦ୍ଦେଶ୍ୟରେ ଆଧୁନିକ ଜ୍ଞାନ ଆହରଣ କର ଓ ପୂର୍ଣ୍ଣ ଅଧ୍ୟବସାୟ ଦ୍ୱାରା ହାସଲ କର କିନ୍ତୁ ମୋର ଏହା ମଧ୍ୟ ଅଭିଜ୍ଞତା ରହିଛି ଯାହାକି ମୁଁ ସର୍ତକ କରିବା ଉଦ୍ଦେଶ୍ୟରେ ଦର୍ଶାଇ ଦେଉଛି କି ଯେଉଁ ଲୋକମାନେ କେବଳ ଜ୍ଞାନ ଆହରଣ କରିବାରେ ଏକ ତରଫା ହୋଇ ପଡ଼ି ରହିଛନ୍ତି ଏବଂ ସେଥିରେ ଏପରି ମଗ୍ନତାର ସହ ହଜିଗଲେ କି କୌଣସି ପୁଣ୍ୟବନ୍ତ ଓ ବିଦ୍ୟାନ ନିକଟରେ ବସିବାର ସେମାନଙ୍କୁ ସୁଯୋଗ ହିଁ ମିଳିଲା ନାହିଁ ତଥା ସେମାନେ ସ୍ୱୟଂ ନିଜ ଭିତରେ ଐଶ୍ୱରିକ ପ୍ରକାଶ ରଖୁନାହାନ୍ତି ତେବେ ସେମାନେ ମଧ୍ୟ ପଥଭ୍ରଷ୍ଟ ହୋଇ ଇସଲାମରୁ ଦୂରେଇ ଯାଇଛନ୍ତି । ସେମାନଙ୍କ ନିଜ ଜ୍ଞାନ କୌଶଳକୁ ଇସଲାମୀୟ ନୀତିଶିକ୍ଷା ସହ ଯୋଡ଼ିବା ପରିବର୍ତେ ଓଲଟା ଇସଲାମକୁ ଜ୍ଞାନର ଅନ୍ତର୍ଗତ କରିବାକୁ ନିରର୍ଥକ ପ୍ରୟାସ କରି ନିଜ କଳ୍ପନା ଜଗତରେ ସେମାନେ ଧର୍ମ ଓ ସମ୍ପ୍ରଦାୟର ସେବାକାରୀ ପାଲଟିଯାଇଛନ୍ତି । କିନ୍ତୁ ମନେରଖନ୍ତୁ ଏହି (ସତ୍‌କର୍ମ) ସେହି ବ୍ୟକ୍ତି ସମ୍ପାଦନ କରିଥାଏ ଅର୍ଥାତ ଧାର୍ମିକ ସେବା, ଯେ ଆଲୌକିକ ପ୍ରକାଶ୍ୟ ନିଜ ଅଭ୍ୟନ୍ତରରେ ରଖିଥାଏ ।

କଥା ଏହି କି ଯେ ଶିକ୍ଷା ରୂପକ ଦୀପକ ପାଦ୍ରୀ ଓ ଦାର୍ଶନିକ ଆକାରରେ ପ୍ରଦାନ କରାଯାଉଅଛି । ପରିଣାମ ସ୍ୱରୂପ ଉକ୍ତ ଜ୍ଞାନର ପ୍ରେମିକ କିଛି ଦିନ ପାଇଁ ସ୍ୱଭାବ ଅନୁଯାୟୀ ଇସଲାମୀୟ ରୀତିପ୍ରଥାର ପାଳନ କରିଥାଏ । କିନ୍ତୁ ଯେମିତି ଯେମିତି ଏହି ଆଡ଼କୁ ପାଦ ଆଗକୁ ବଢାଇଥାଏ, ଇସଲାମ ଠାରୁ ଦୂରେଇ ଚାଲିଯାଇଥାଏ । ପରିଶେଷରେ କେବଳ ରୀତିପ୍ରଥା ହିଁ ବାକି ରହିଯାଇଥାଏ ଏବଂ ବାସ୍ତବତା ସହ କୌଣସି ସମ୍ପର୍କ ରହିନଥାଏ । ପରିଣାମ ସ୍ୱରୂପ ଏହା ହୋଇଥାଏ ଏବଂ ଏହା ଘଟିଛି କି ଏକତରଫା ଜ୍ଞାନ ହାସଲ କରିବା ଦିଗରେ ମଗ୍ନ ରହିବା ଅନେକ ଦଳୀୟ ନେତା ଓ ମୁଖୀଆମାନେ ମଧ୍ୟ ଏହି ଭେଦକୁ ବୁଝିପାରିଲେ ନାହିଁ ଯେ ଆଧୁନିକ ଜ୍ଞାନ କୌଶଳ ସେତେବେଳେ ଫଳପ୍ରଦ ସାବ୍ୟସ୍ତ ହୋଇଥାଏ ଯେତେବେଳେ କେବଳ ଧର୍ମ ସେବା କରିବା ଉଦ୍ଦେଶ୍ୟରେ ଆହରଣ କରାଯାଇଥାଏ ଏବଂ କୌଣସି ବ୍ରହ୍ମଜ୍ଞାନୀ ଓ ଦିବ୍ୟଜ୍ଞାନ ରଖୁଥିବା ମୁନି ସହ ସମ୍ପର୍କ ସ୍ଥାପନ କରି ତାଙ୍କଠାର ଉପକୃତ ନହୁଅ ।

ମୋର ବିଶ୍ୱାସ ଯେ ଏହି ପଥଭ୍ରଷ୍ଟ ପୂର୍ଣ୍ଣ ଯୁଗରେ କାମନା ଓ ବାସନା ପରିବ୍ୟାପ୍ତ ହେବାର ମୂଳ କାରଣ ଶୈତାନୀ ଆକ୍ରମଣ ସତ୍‌ପଥରୁ ବିମୁଖଗାମୀ ହୋଇ ସାଂସାରିକ ଜ୍ଞାନ ରୂପକ ବିଷ ଓ ଇସଲାମ ଉପରେ ଦାର୍ଶନିକମାନଙ୍କ ଦ୍ୱାରା ହେଉଥିବା ଆକ୍ରମଣର ପ୍ରତିରୋଧ କରିବା କିମ୍ୱା ତାହାର ଉତର ଦେବା ପାଇଁ ଇସଲାମ ଓ ଐଶ୍ୱରିକ ପ୍ରକାଶର ତୁଚ୍ଛ ମଣି ନିଜ ବୁଦ୍ଧିଜ୍ଞାନ, ମନଗଢା ତଥା କାଳ୍ପନିକ ତଥ୍ୟକୁ ପ୍ରମାଣ ସ୍ୱରୂପ ରଖାଯାଉଛି । ଯାହାର ପରିଣାମ ପ୍ରକାଶ ପାଉଅଛି କି ଉତରଦାତା ପବିତ୍ର କୁରଆନର ଉଦ୍ଦେଶ୍ୟରୁ ବହୁ ଦୂରରେ ରହିଛନ୍ତି ଏବଂ ଏକ ଲୁକାୟିତ ପଥଭ୍ରଷ୍ଟ ପରଦାକୁ ନିଜ ହୃଦୟରେ ସ୍ଥାନ ଦେଇଥାନ୍ତି । ଯଦି ଅଲ୍ଲାଃଙ୍କ କୃପା ପ୍ରଦାନ ନକରନ୍ତି, ତେବେ ତାହା ଏକସମୟରେ ଯାଇ ପଥଭ୍ରଷ୍ଟତାର ଜାମା ପରିଧାନ କରିନେଇଥାଏ ଏବଂ ନିଜ ହୃଦୟରେ ସେହି ରଙ୍ଗ ଢାଳି ତାହାକୁ ଧ୍ୱଂସ କରିଦେଇଥାଏ ।

ଆଜିକାଲିର ଶିକ୍ଷିତ ସମାଜ ଓ ଆମ ଦ୍ୱାରରେ ଛିଡ଼ା ହୋଇଛି ବିରାଟକାୟ ସମସ୍ୟା ଏହି କି ଯେ ସେମାନଙ୍କର ଧାର୍ମିକ ଜ୍ଞାନ ସହ କୌଣସି ସମ୍ପର୍କ ହିଁ ନାହିଁ । ପୁଣି ଯେତେବେଳେ ସେମାନେ କୌଣସି ସାଂସାରିକ ଓ ଦାର୍ଶନିକର (ଇସଲାମ ବିରୋଧି) ଆପତି ଅଧ୍ୟୟନ କରିଥାନ୍ତି ସେତେବେଳେ ସନ୍ଦେହ ଘେରରେ ପ୍ରବେଶ କରିଯାଇଥାନ୍ତି । ତା'ପରେ ସେମାନେ ଖ୍ରୀଷ୍ଟଧର୍ମି ଅବା ନାସ୍ତିକବାଦୀ ପାଲଟି ଯାଇଥାନ୍ତି । ଏପରି ପରିସ୍ଥିତିରେ ପିତାମାତା ମଧ୍ୟ ସେମାନଙ୍କ ଉପରେ ବହୁତ ବଡ଼ ଅତ୍ୟାଚାର କରିଥାନ୍ତି କି ସେମାନଙ୍କୁ ଧାର୍ମିକ ଜ୍ଞାନ ପ୍ରଦାନ କରିବାର କୌଣସି ପ୍ରବନ୍ଧ କରିନଥାନ୍ତି ନା ମୁହୂର୍ତରେ ସମୟ କାଢିଥାନ୍ତି । ପ୍ରାରମ୍ଭରୁ ହିଁ ସେମାନଙ୍କୁ ଏପରି ଧନ୍ଦା ଓ ବ୍ୟସ୍ତତା ପୂର୍ଣ୍ଣ ଘେରରେ ଛନ୍ଦି ଦେଇଥାନ୍ତି କି ଯାହାକି ସେମାନଙ୍କୁ ପବିତ୍ର ଧର୍ମଠାରୁ ବଂଚିତ ରଖିଥାଏ ।

### ଧାର୍ମିକ ଶିକ୍ଷାଦିକ୍ଷା ଓ ପ୍ରଶିକ୍ଷଣର ଉଚିତ ସମୟ

ଏ କଥା ମଧ୍ୟ ଚିନ୍ତା କରିବା ଯୋଗ୍ୟ ଯେ ଧାର୍ମିକ ଜ୍ଞାନ ଆହରଣ କରିବା ପାଇଁ ବାଲ୍ୟାବସ୍ଥା ଅତ୍ୟନ୍ତ ଅନୁକୂଳ ଓ ସଠିକ୍ ସମୟ । ଯେତେବେଳେ ଦାଢି ଆସିଯାଏ ସେତେବେଳେ **ଜରବା ୟଜ୍‌ରିବୁ** (ମୂଳ ବ୍ୟାକରଣ) ମନେରଖିଲେ ଭଲା କ'ଣ ହେବା ? ବାଲ୍ୟାବସ୍ଥାର ସ୍ମରଣ ଶକ୍ତି ପ୍ରଖର ହୋଇଥାଏ । ଜଣେ ବୟସର ଦ୍ୱିତୀୟ ଚରଣରେ କଦାପି ସେପରି ହାଫିଜ୍ ହୋଇପାରି ନଥାଏ । ମୋ ବାଲ୍ୟାବସ୍ଥାର କେତେକ ଘଟଣା ବର୍ତମାନ ସୁଧା ଭଲ ଭାବରେ ମନେଅଛି କିନ୍ତୁ ଆଜି ଠାରୁ ୧୫ବର୍ଷର ଅଧିକାଂଶ କଥା ମନେ ନାହିଁ । ଏହାର କାରଣ ଏହି କି ଯେ ବୟସର ପ୍ରଥମ ଚରଣରେ ଜ୍ଞାନ ଏଭଳି ଭାବରେ ବସାବାନ୍ଧି ଥାଏ ଏବଂ ଅଙ୍ଗପ୍ରତ୍ୟଙ୍ଗର ବିକାଶ ହେବା ବୟସରେ ଏଭଳି ଦୃଢତାର ସହ ବସିଯାଇଥାଏ କି ତାହା କଦାପି ନଷ୍ଟ ହୋଇ ନଥାଏ । ତେବେ ଏହା ଏକ ଦିର୍ଘ ବିଷୟ, ସଂକ୍ଷିପ୍ତରେ କହିବାକୁ ଗଲେ ଧାର୍ମିକ ଶିକ୍ଷା ହାସଲ କରିବା ନିମନ୍ତେ ବିଶେଷ ଧ୍ୟାନ ବାଲ୍ୟାବସ୍ଥାରେ ଦେବା ଉଚିତ୍ । ମୋର ପ୍ରାରମ୍ଭରୁ ଏହି ଅଭିଳାଷା ରହିଛି ଏବଂ ବର୍ତମାନ ମଧ୍ୟ ଏହା ରହିଛି, ଅଲ୍ଲାଃତାଲା ଏହାକୁ ପୂରଣ କରନ୍ତୁ । ଦେଖ ତୁମ ପଡ଼ୋଶି ଅର୍ଥାତ ଆର୍ଯ୍ୟ ସମାଜୀମାନେ ଶିକ୍ଷା କ୍ଷେତ୍ରରେ ନିଜର କିଭଳି ସ୍ଥାନ ଗଢିତୋଳି ଚାଲିଛନ୍ତି । ଲକ୍ଷାଧିକ ଅର୍ଥ ଜମା କରିସାରିଲେଣି । ବଡ଼ ବଡ଼ କଲେଜ୍‌ର ଅଟ୍ଟାଳିକା ନିର୍ମାଣ କରିଚାଲିଛନ୍ତି । ଯଦି ମୁସଲମାନ ସମ୍ପୂର୍ଣ୍ଣ ରୂପେ ନିଜ ସନ୍ତାନମାନଙ୍କ ଶିକ୍ଷାଦିକ୍ଷା ପ୍ରତି ଧ୍ୟାନ ନଦିଅନ୍ତି ତେବେ ମୋ କଥା ଶୁଣି ରଖନ୍ତୁ ଯେ ଗୋଟିଏ ସମୟରେ ସେମାନଙ୍କ ସନ୍ତାନମାନେ ମଧ୍ୟ ସେମାନଙ୍କ ହାତ ମୁଠାରୁ ଖସିଯିବେ ।

### ସଙ୍ଗତର ପ୍ରଭାବ

ସୁପ୍ରସିଦ୍ଧ ଉକ୍ତି ରହିଛି ଯେ ***ତୁଖମ ତାସିର ସୋହବତ ରାଅସର*** ଏହାର ପ୍ରଥମ ଅଂଶ ପରବର୍ତୀ ସମୟରେ ଚର୍ଚ୍ଚା କରିବା କିନ୍ତୁ ଦ୍ୱିତୀୟ ଅଂଶ ଏଭଳି ପ୍ରମାଣ ସିଦ୍ଧ ଯେ ତାହା ଉପରେ ଅଧିକ ଚର୍ଚ୍ଚା କରିବାର ଆବଶ୍ୟକତା ହିଁ ନାହିଁ । ପ୍ରତ୍ୟେକ ସଜନ ବ୍ୟକ୍ତିର ପିଲାମାନେ ଖ୍ରୀଷ୍ଟଧର୍ମର ପାସରେ ପଢ଼ିବା ଓ ମୁସଲମାନମାନଙ୍କ ମର୍ଯ୍ୟାଦା ସମ୍ପର୍ଣ୍ଣ ଏବଂ ମାନ୍ୟଗଣ ବ୍ୟକ୍ତିତ୍ୱଙ୍କ ସନ୍ତାନମାନେ ହଜରତ ମୁହମ୍ମଦ ସ.ଅଙ୍କ ସମ୍ମାନ ହାନୀ କରିବାର ଆମେ ଅବଲୋକନ କରି ସାରିଛୁ । ସେହି ସୟଦ୍‌ମାନଙ୍କ ସନ୍ତାନମାନେ ଯେ ନିଜକୁ ହଜରତ ଇମାମ ହୁସେନଙ୍କ ବଂଶଧର ସହ ମିଳାଉଛନ୍ତି, ସେମାନଙ୍କୁ ଆମେ ଖ୍ରୀଷ୍ଟଧର୍ମି ହେବାର ଦେଖିଅଛୁ ଏବଂ ସେମାନେ ହଜୁର ସ.ଅଙ୍କ ସମ୍ୱନ୍ଧରେ କିସମ କିସମର ଆପତି ଓ ଲାଂଛନା ଲଗାଉଛନ୍ତି (ଅଲ୍ଲାଃ କ୍ଷମା କରନ୍ତୁ) । ଏପରି ଅବସ୍ଥାରେ ଯଦି କୌଣସି ମୁସଲମାନ ନିଜ ଧର୍ମ ଓ ହଜୁର ସ.ଅଙ୍କ ମର୍ଯ୍ୟାଦା ରକ୍ଷା ଓ ବିବେକ ଶୂନ୍ୟତା ପ୍ରଦର୍ଶନ କରେ ତେବେ ଆ'ଠାରୁ ବଳି ଅତ୍ୟାଚାର ଆଉ ବା କ'ଣ ହୋଇପାରେ ?

ଯଦି ତୁମେ ନିଜ ସନ୍ତାନମାନଙ୍କୁ ଖ୍ରୀଷ୍ଟଧର୍ମି, ଆର୍ଯ୍ୟା ସମାଜୀ ଓ ଅନ୍ୟମାନଙ୍କ ଖରାପ ସଙ୍ଗତରୁ ରକ୍ଷା ନକର ଅବା ରକ୍ଷା କରିବା ପାଇଁ ପ୍ରୟାସ ନକର ତେବେ ମନେରଖ ତୁମେ କେବଳ ନିଜ ଉପରେ ଅତ୍ୟାଚାର କରିବ ନାହିଁ ବରଂ ନିଜ ଜାତି ଓ ଇସଲାମ ଉପରେ କରିବ । ଏବଂ ଏହା ବହୁତ ବଡ଼ ଅତ୍ୟାଚାର ଅଟେ । ଏହାର ଅର୍ଥ ତୁମ ଅନ୍ତରରେ ଇସଲାମ ପ୍ରତି ତିଳେ ହେଲେ ସ୍ୱାଭିମାନ ବାକି ନାହିଁ, ହଜରତ ମୁହମ୍ମଦ ସ.ଅଙ୍କ ପ୍ରତି ତୁମ ହୃଦୟରେ ନିମିତ ମାତ୍ର ସମ୍ମାନ ନାହିଁ ।

***(ମଲଫୁଜାତ୍ ଭାଗ ୧ ପୃ ୫୮ରୁ ୬୧)***

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

**ମୁଁ ଆପଣମାନଙ୍କ ଧ୍ୟାନ ଆକର୍ଷଣ କରାଉଛି ଯେ ମୋ ଖୁତ୍‌ବା ଯୁମା ଗୁଡ଼ିକୁ ବହୁତ ଧ୍ୟାନ ଦେଇ ଶୁଣନ୍ତୁ ଏବଂ ବୁଝିବାକୁ ଚେଷ୍ଟା କରନ୍ତୁ ଏବଂ ମୋ ଦ୍ୱାରା ବର୍ଣ୍ଣିତ ଉପଦେଶ ଓ ମାର୍ଗଦର୍ଶନର ଅନୁସରଣ କରନ୍ତୁ । ଏହା ଆପଣଙ୍କ ଇମାନ୍ ଏବଂ ନିଜାମେ ଖିଲାଫତ (ଅର୍ଥାତ୍ ଖିଲାଫତ୍ ବ୍ୟବସ୍ଥା) ସହିତ ସମ୍ପର୍କକୁ ସୁଦୃଢ଼ କରିବାର କାରଣ ହେବ ।**

**ଆପଣ ସର୍ବଦା ଖିଲାଫତ୍‌ର ବୈଭବର ସମ୍ମାନ କରନ୍ତୁ ଏବଂ ନିଶ୍ଚିତ କରନ୍ତୁ ଯେ ଆପଣମାନେ ଏବଂ ଆପଣଙ୍କ ଆସନ୍ତା ପିଢ଼ି/ବଂଶଧର ସର୍ବଦା ଖିଲାଫତର ବାବର୍‌କତ୍ ମାର୍ଗଦର୍ଶନ ଆଶିର୍ବାଦ ଓ ଦୂର୍ଗ ଭିତରେ ରହନ୍ତୁ ।**

**ମୁଁ ଆପଣମାନଙ୍କ ଧ୍ୟାନ ଆର୍କଷଣ କରାଉଛି ଯେ ବାରମ୍ବାର ନିଜର ଅନୁଧ୍ୟାନ କରି ନିଜର ଅନ୍ତଃ ଅବସ୍ଥାକୁ ଉତମ କରନ୍ତୁ । ପୂଣ୍ୟ ଓ ଧର୍ମ ପରାୟଣତାରେ ସର୍ବଦା ଆଗକୁ ବଢ଼ିଚାଲନ୍ତୁ । ନିଜର ପ୍ରତ୍ୟେକ କାର୍ଯ୍ୟ ଓ ଅମଲରେ ଉତମ ବ୍ୟବହାର ଏବଂ ଉତମ କାର୍ଯ୍ୟଶୈଳୀ ଆପଣାନ୍ତୁ । ମାନବ ସମାଜ ପ୍ରତି ଦୟା ଓ ଅନୁଗ୍ରହ ଦେଖାନ୍ତୁ । ଏବଂ ସର୍ବଦା ଉଦାହରଣୀୟ ଅହେମଦୀ ମୁସଲ୍‌ମାନ ହୁଅନ୍ତୁ ।**

## ଜଲ୍‌ସା ସାଲାନା ଯମାତ ଅହେମଦୀୟା ମାଲ୍‌ଟା (ୟୁରୋପ) ୨୦୧୮ ଅନୁଷ୍ଠିତ ହେବା ଅବସରରେ ସୟଦନା ହଜ୍‌ରତ୍ ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅଙ୍କ ବିଶେଷ ବାର୍ତା

ଯମାତ୍ ଅହେମଦୀୟା ମାଲ୍‌ଟା (ୟୁରୋପ) ୦୨ ଡ଼ିସେମ୍ବର ୨୦୧୮ ରବିବାର ଦିନ ନିଜର ଦ୍ୱିତୀୟ ଜଲ୍‌ସା ସାଲାନା ଅନୁଷ୍ଠିତ କଲା । ଜଲ୍‌ସା ସାଲାନାର କାର୍ଯ୍ୟକ୍ରମ ଗୋଟିଏ ଚର୍ଚ୍ଚର ଅଟ୍ଟାଳିକା Centru Famil Ja Mqadds ର ଗୋଟିଏ ହଲ୍‌ରେ ଅନୁଷ୍ଠିତ ହେଲା । ମୁକରମ୍ ମୌଲାନା ହୈଦର୍ ଅଲୀ ଜଫର୍ ସାହେବ ମୁବ୍‌ଲିଗ୍ ଏବଂ ନାଏବ ଅମୀର ଜର୍ମାନୀଙ୍କ ସଭାପତିତ୍ୱରେ ପ୍ରଥମ ଇଜ୍‌ଲାସ୍ ଅନୁଷ୍ଠିତ ହେଲା । ପବିତ୍ର କୋରାନ୍‌ର ଆବୃତି ଏବଂ ନଜମ୍ ପାଠପରେ ସୟଦନା ହଜରତ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅଙ୍କ ବିଶେଷ ବାର୍ତାକୁ ପଢ଼ି ତାକୁ ଶୁଣାଇଦିଆଗଲା ଯାହାକୁ ହଜୁର ଅନଓ୍ୱର ଏହି ଜଲ୍‌ସା ନିମନ୍ତେ ବହୁତ ସ୍ନେହର ସହିତ ପଠାଇଥିଲେ । ଏହାପରେ ଉର୍ଦ୍ଦୁ ଏବଂ ଇଂରାଜୀ ଭାଷାରେ ତକ୍‌ରିର୍ ହେଲା । ଏହି ଇଜ୍‌ଲାସ୍‌ର ଉଦଯାପନୀ ଭାଷଣ ମୁକ୍‌ରମ୍ ମୌଲାନା ହୈଦର ଅଲୀ ଜଫର ସାହେବ କଲେ । ଦ୍ୱିତୀୟ ଇଜ୍‌ଲାସ୍‌ରେ Interfaith Session ଅନୁଷ୍ଠିତ ହେଲା ଏହାର ବିଷୟବସ୍ତୁ ''ମୁହବତ୍ ସବ୍ କେ ଲିଏ ନଫରତ୍ କିସି ସେ ନେହିଁ'' ଅର୍ଥାତ୍ ପ୍ରେମ ସଭିଙ୍କ ପାଇଁ ଘୃଣା କାହାରିକୁ ନାହିଁ ରଖାଯାଇଥିଲା । ପବିତ୍ର କୋରାନ୍ ଆବୃତି କରିବା ପରେ ମୁକରମ୍ ମୌଲାନା ହାଇଦର ଅଲୀ ସାହେବ ହଜରତ ମସିହ ମଉଦ ଆ:ସଙ୍କ ଲେଖନୀର ଆଲୋକରେ ଉପସ୍ଥିତ ଲୋକମାନଙ୍କୁ ଜଲ୍‌ସା ସାଲାନା ଅନୁଷ୍ଠିତ ହେବାର ଉଦ୍ଦେଶ୍ୟ ବର୍ଣ୍ଣନା କଲେ । ଏହାପରେ ମାଲ୍‌ଟା ର ରାଷ୍ଟ୍ରପତିଙ୍କ ବାର୍ତା ପଢ଼ି ଶୁଣାଇ ଦିଆଗଲା । ଏହାପରେ ତିନିଜଣ ଅତିଥି ନିଜ ନିଜର ଅନୁଭବ ବର୍ଣନା କଲେ । ଇଜ୍‌ଲାସର ସମାପ୍ତିରେ ମୁକ୍‌ରମ୍ ଲୈକ ଅହମଦ୍ ଆତିଫ୍ ସାହେବ ମୁବ୍‌ଲିଗ୍ ଏବଂ ସଦର ଯମାତ୍ ମାଲ୍‌ଟା Inter religios Peace ବିଷୟବସ୍ତୁ ଉପରେ ଭାଷଣ ଉପସ୍ଥାପନ କଲେ । ଦୁଆ ପରେ ଜଲ୍‌ସାର ପରିସମାପ୍ତି ଘଟିଲା । ଜଲ୍‌ସାରେ ଯୋଗ ଦେଇଥିବା ଲୋକମାନଙ୍କର ଉପସ୍ଥାନ ୭୫ ଥିଲା । ୩୭ଜଣ ଅହେମଦୀ, ୨ଜଣ ଅଣଯମାତ୍ ମୁସଲ୍‌ମାନ ଏବଂ ୩୬ ଜଣ ଇସାଇ ବନ୍ଧୁ ଯୋଗଦେଇଥିଲେ । ସୟଦନା ହଜୁର ଅନଓ୍ୱର ଅ:ବ:ଅଙ୍କ ବିଶେଷ ବାର୍ତା ବଦର୍‌ର ପାଠକମାନଙ୍କ ନିମନ୍ତେ ଅଖ୍‌ବାର ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ୧୦ ମଇ ୨୦୧୯ଙ୍କୁ ଧନ୍ୟବାଦ ପ୍ରଦାନ କରି ପ୍ରକାଶ କରୁଅଛୁ । (କାର୍ଯ୍ୟାଳୟ)

***ଯମାତ ଅହେମଦୀୟା ମାଲ୍‌ଟାର ପ୍ରୀୟ ସଦସ୍ୟବୃନ୍ଦ***

***ଅସ୍‌ସଲାମୋ ଆଲୈକୁମ୍ ଓ୍ୱ ରହମତୁଲ୍ଲାହି ଓ୍ୱ ବର୍‌କାତୁହୁ***

ମୁଁ ବହୁତ ଆନନ୍ଦିତ ଯେ ଆପଣମାନେ ଦୁଇ ଡ଼ିସେମ୍ବର ଦିନ ନିଜର ଜଲ୍‌ସା ସାଲାନା ଅନୁଷ୍ଠିତ କରୁଛନ୍ତି । ମୋର ଏ ପ୍ରାର୍ଥନା ଯେ ଅଲ୍ଲାଃ ତାଲା ଆପଣଙ୍କ ଜଲ୍‌ସାକୁ ମହାନ ସଫଳତା ପ୍ରଦନା କରନ୍ତୁ ଓ ଏହି ଜଲ୍‌ସାରେ ସାମିଲ୍ ହୋଇଥିବା ଲୋକମାନଙ୍କୁ ଏହି ସ୍ୱତନ୍ତ୍ର ଧାର୍ମିକ ସମ୍ମିଳନୀରୁ ଭରପୁର ଆଧ୍ୟାତ୍ମିକ ଲାଭ ଉଠାଇବା ସଙ୍ଗେ ସଙ୍ଗେ ଅଗଣତି ବର୍‌କାତ୍ ହାସଲ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ।

ମୁଁ ମୋ ଖୁତ୍‌ବା ଗୁଡ଼ିକରେ ଏ କଥା ଉପରେ ଗୁରୁତ୍ୱ ଦେଇଛି ଯେ ଆମକୁ ବାସ୍ତବିକ ଅହେମଦୀ ମୁସଲମାନ ହେବା ନିମନ୍ତେ ଅହରହ ଚେଷ୍ଟା ଚଳାଇବା ଉଚିତ ଏବଂ ବୟତ୍‌ର ସର୍ତାବଳୀ ଅନୁସାରେ ଯଥା ସମ୍ଭବ ପରିଚାଳିତ ହେବାପାଇଁ ଚେଷ୍ଟା କରିବା ଉଚିତ, ଯାହାର ଶପଥ ଆମେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସହିତ କରିଅଛେ, ଯାହାଙ୍କ ନିମନ୍ତେ ଆଁ ହଜରତ ସ:ଆ:ସ ''ଆମ ମେହେଦୀ'' ବୋଲି ସମ୍ମାନର ସହିତ ସମ୍ବୋଧନ କରିଛନ୍ତି ।

ଏ ସମ୍ବନ୍ଧରେ ହଜରତ ଅକ୍‌ଦସ୍ ମସିହ ମଉଦ ଆ:ସ କହୁଛନ୍ତି: ''ଯେଉଁମାନେ ଏହି ସିଲ୍‌ସିଲାରେ ପ୍ରବେଶ ହୋଇ ମୋ ସହିତ ନିଷ୍ଠାଭାବ ରଖିଛନ୍ତି ଓ ମତେ ବିଶ୍ୱାସ କରି ମୋର ଶିଷ୍ୟତ୍ୱ ଗ୍ରହଣ କରିଛନ୍ତି, ଏହାର ଉଦ୍ଦେଶ୍ୟ ହେଉଛି ଏହା କି ସେମାନେ ସତ୍‌କର୍ମୀ, ସଦାଚାରୀ ଓ ଧର୍ମପରାୟଣତାର ଉଚ୍ଚତମ ସ୍ତରକୁ ପହଂଚନ୍ତୁ । କୌଣସି ବିଭ୍ରାଟ, ଦୁଷ୍ଟାମି ଓ କୁକର୍ମ ସେମାନଙ୍କ ନିକଟକୁ ନ ଆସିପାରୁ । ସେମାନେ ପାଚଂବେଳା ନମାଜକୁ ବାଯମାତ୍ (ଅର୍ଥାତ୍ ସାମୁହିକଭାବେ) ନିୟମିତ ପାଠ କରନ୍ତୁ । ସେମାନେ ମିଛ ନ କୁହନ୍ତୁ । ସେମାନେ କାହାକୁ ନିଜ ଜିହ୍ୱା ଦ୍ୱାରା ଦୁଃଖ ନ ଦିଅନ୍ତୁ । ସେମାନେ କୌଣସି ପ୍ରକାରର ଦୁଷ୍କର୍ମ ନ କରନ୍ତୁ । କୌଣସି ଦୁଷ୍ଟାମି ଜୁଲମ ଓ ବିଭ୍ରାଟ ସୃଷ୍ଟି କରିବାର ଭାବନା ମଧ୍ୟ ମନ ଭିତରେ ନ ଆଣନ୍ତୁ । ସୁତରାଂ ପ୍ରତ୍ୟେକ ପ୍ରକାରର ପାପ, ଅପରାଧ, ଅପକର୍ମ, କୁଭାଷା ଓ ସବୁ ପ୍ରକାରର ମନର ବିକାର ଓ ନିରର୍ଥକ କାର୍ଯ୍ୟ କରିବାରୁ ନିବୃତ ହୁଅନ୍ତୁ ଏବଂ ଖୁଦାଙ୍କ ପବିତ୍ର ହୃଦୟ, ନିର୍ଦ୍ଦ୍ୱନ୍ଦ ଓ ଦରିଦ୍ର ସ୍ୱଭାବ ସମ୍ପନ୍ନ ଭକ୍ତ ହୋଇଯାଆନ୍ତୁ ଓ କୌଣସି ପ୍ରକାରର ବିଷପୂର୍ଣ୍ଣ ତତ୍ୱ ତାଙ୍କ ଅସ୍ତିତ୍ୱରେ ନ ରହୁ ।''

*(ମଜ୍‌ମୁଆ ଇଶ୍‌ତେହାରାତ, ଖଣ୍ଡ-୩, ପୃ-୪୫-୪୭)*

ସୁତରାଂ କେବଳ ବିଶ୍ୱାସରେ ପରିବର୍ତନ ଆଣିବା ଯଥେଷ୍ଟ ନୁହେଁ ବରଂ ଜଣେ ଉତମ ଓ ନିଷ୍ଠାବାନ ଅହେମଦୀ ମୁସଲ୍‌ମାନ୍ ହେବା ପାଇଁ ନିଜର ସମସ୍ତ ଶକ୍ତି ଓ ସାମର୍ଥ୍ୟକୁ କାର୍ଯ୍ୟରେ ଲଗାଇ ବୟତ୍‌ର ସର୍ତାବଳୀ ମୁତାବକ ପରିଚାଳିତ ହେବା ଜରୁରୀ ଅଟେ । ବୟତର ଅର୍ଥ ହେଉଛି ନିଜକୁ ଖୁଦାତାଲାଙ୍କ ଖାତିର୍ ବିକ୍ରୀ କରିଦେବା । ଯିଏ ବୟତ କରିବାର ଶପଥ ନେଇଥାଏ. ତାକୁ ବିନ୍ରମତା ଆଚରଣ କରିବାକୁ ହେବ ଓ ନିଜକୁ ଗର୍ବ ଓ ଅହଂଙ୍କାରରୁ ସମ୍ପୂର୍ଣ୍ଣ ରୂପେ ଅଲଗା ରଖିବାକୁ ହେବ । ବୟତର ଅର୍ଥ ହେଉଛି ଈଶ୍ୱରଙ୍କ ନିର୍ଦ୍ଦେଶାବଳୀଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ପାଳନ କରିବା । ଯଦି କିଏ ବାସ୍ତବିକ ଏପରି କରୁଥାଏ ତେବେ ଅଲ୍ଲାଃ ତାଲା ଏପରି ବ୍ୟକ୍ତିଙ୍କୁ ନଷ୍ଟ କରନ୍ତି ନାହିଁ ଓ ପ୍ରତିକ୍ଷେତ୍ରରେ ତାର ସୁରକ୍ଷା କରିଥାନ୍ତି ।

ମୁଁ ଆପଣମାନଙ୍କ ଧ୍ୟାନ ଆର୍କଷଣ କରାଉଛି ଯେ ବାରମ୍ବାର ନିଜର ଅନୁଧ୍ୟାନ କରି ନିଜର ଅନ୍ତଃ ଅବସ୍ଥାକୁ ଉତମ କରନ୍ତୁ । ପୂଣ୍ୟ ଓ ଧର୍ମ ପରାୟଣତାରେ ସର୍ବଦା ଆଗକୁ ବଢ଼ିଚାଲନ୍ତୁ । ନିଜର ପ୍ରତ୍ୟେକ କାର୍ଯ୍ୟ ଓ ଅମଲରେ ଉତମ ବ୍ୟବହାର ଏବଂ ଉତମ କାର୍ଯ୍ୟଶୈଳୀ ଆପଣାନ୍ତୁ । ମାନବ ସମାଜ ପ୍ରତି ଦୟା ଓ ଅନୁଗ୍ରହ ଦେଖାନ୍ତୁ । ଏବଂ ସର୍ବଦା ଉଦାହରଣୀୟ ଅହେମଦୀ ମୁସଲ୍‌ମାନ ହୁଅନ୍ତୁ ।

ମୁଁ ଆପଣମାନଙ୍କ ଧ୍ୟାନ ଆକର୍ଷଣ କରାଉଛି ଯେ ମୋ ଖୁତ୍‌ବା ଯୁମା ଗୁଡ଼ିକୁ ବହୁତ ଧ୍ୟାନ ଦେଇ ଶୁଣନ୍ତୁ ଏବଂ ବୁଝିବାକୁ ଚେଷ୍ଟା କରନ୍ତୁ ଏବଂ ମୋ ଦ୍ୱାରା ବର୍ଣ୍ଣିତ ଉପଦେଶ ଓ ମାର୍ଗଦର୍ଶନର ଅନୁସରଣ କରନ୍ତୁ । ଏହା ଆପଣଙ୍କ ଇମାନ୍ ଏବଂ ନିଜାମେ ଖିଲାଫତ (ଅର୍ଥାତ୍ ଖିଲାଫତ୍ ବ୍ୟବସ୍ଥା) ସହିତ ସମ୍ପର୍କକୁ ସୁଦୃଢ଼ କରିବାର କାରଣ ହେବ । ଏ ଯୁଗରେ ଇସ୍‌ଲାମ୍‌ର ଦ୍ୱିତୀୟ ପାଳିର କାର୍ଯ୍ୟ ଓ ବିଶ୍ୱଶାନ୍ତି ହାସଲ କରିବା କେବଳ ନେଜାମେ ଖିଲାଫତ୍ ସହିତ ସଂଶ୍ଲିଷ୍ଟ ରହି ହିଁ ପ୍ରାପ୍ତ କରାଯାଇପାରେ । ସୁତରାଂ ଆପଣମାନେ ସର୍ବଦା ଖିଲାଫତ୍‌ର ମହାନ୍ ବୈଭବକୁ ସମ୍ମାନ କରନ୍ତୁ ଏବଂ ଏହା ସୁନିଶ୍ଚିତ କରାନ୍ତୁ ଯେ ଆପଣମାନେ ଓ ଆପଣମାନଙ୍କ ଆସନ୍ତା ବଂଶଧର ସର୍ବଦା ଖିଲାଫତ୍‌ର ବାବାର୍‌କତ୍ ମାର୍ଗଦର୍ଶନ, ଆଶିର୍ବାଦ ଓ ଦୁର୍ଗ ଭିତରେ ରହନ୍ତୁ ।

ଅଲ୍ଲାଃ ତାଲା ଆପଣଙ୍କ ଜଲ୍‌ସାକୁ ମହାନ ସଫଳତା ପ୍ରଦାନ କରନ୍ତୁ ଏବଂ ଆପଣମାନଙ୍କୁ ବୟତର ସମସ୍ତ ସର୍ତାବଳୀ ମୁତାବକ ପରିଚାଳିତ ହେବାପାଇଁ ଶକ୍ତି ପ୍ରଦାନ କରନ୍ତୁ । ଅଲ୍ଲାଃ ତାଲା ଆପଣମାନଙ୍କୁ ତକଓ୍ୱା ଏବଂ ଆଧ୍ୟାତ୍ମିକତାରେ ଅନବରତ ଉନ୍ନତି କରିବାପାଇଁ ଶକ୍ତି ଦିଅନ୍ତୁ । ଅଲ୍ଲାଃ ତାଲା ଆପଣଙ୍କ ଜୀବନର ଏକ ବାସ୍ତବିକ ପରିବର୍ତନ ଆଣିଦିଅନ୍ତୁ ଫଳତଃ ଆପଣମାନେ ପବିତ୍ରତା ,ପୂଣ୍ୟକର୍ମ, ଇସ୍‌ଲାମର ସେବା ଏବଂ ମାନବ ସେବା କାର୍ଯ୍ୟରେ ଉନ୍ନତି କରି ଚାଲିବେ । ଅଲ୍ଲାଃ ତାଲା ଆପଣ ସମସ୍ତଙ୍କ ଉପରେ ବହୁତ ବହୁତ କୃପା କରନ୍ତୁ ।

**ଓ୍ୱସ୍ ସଲାମ୍**

**ମିର୍ଜା ମସ୍‌ରୁର୍ ଅହେମଦ୍**

**ଖଲିଫତୁଲ୍ ମସିହିଲ୍ ଖାମିସ୍**

## ୧୨୫ ତମ ଜଲ୍‌ସା ସାଲାନା କାଦିଆନ୍

ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୧୨୫ ତମ ଜଲ୍‌ସା ସାଲାନା କାଦିଆନ୍ ନିମନ୍ତେ ୨୦୧୯ ମସିହା ଡିସେମ୍ବର୍ ତା-୨୭,୨୮,୨୯ ରିଖ (ଶୁକ୍ରବାର, ଶନିବାର, ରବିବାର) ଦିନ ଗୁଡିକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଜମାତ୍‌ର ଲୋକମାନେ ବର୍ତମାନଠାରୁ ଦୁଆ ସହିତ ଏହି ମୋବାରକ୍ ଜଲ୍‌ସାରେ ସାମିଲ୍ ହେବା ପାଇଁ ନିୟତ କରି ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏହି ଲିଲାଃହି ଜଲ୍‌ସାରୁ ଲାଭବାନ୍ ହେବାପାଇଁ ଶକ୍ତି ପ୍ରଦାନ କରନ୍ତୁ । ଏହି ଜଲ୍‌ସା ସାଲାନା ପ୍ରତ୍ୟେକ କ୍ଷେତ୍ରରୁ ସଫଳ ଏବଂ ବାବର୍‌କତ୍ ହେବାପାଇଁ ତତ୍ ସହିତ ସୌଭାଗ୍ୟଶାଳୀ ଆତ୍ମାଗୁଡିକୁ ହିଦାୟତ୍ ମିଳିବା ପାଇଁ ଦୁଆ ଜାରି ରଖନ୍ତୁ । ଜଜାକମୁଲ୍ଲାଃ **(ନାଜର୍ ଇସ୍‌ଲାହ ଓ୍ୱ ଇର୍‌ଶାଦ୍ ମର୍କଜିଆ କାଦିଆନ୍)**

# : ଖୁତ୍‌ବା ଜୁମା :

**ଅଲ୍ଲାଃଙ୍କ ବିଧାନ ଏହା ହିଁ ଥିଲା କି ଜୈଦ ନିଜ ଧର୍ମପତ୍ନୀ (ହଜରତ ଜୈନବ୍ ର.ଅ)ଙ୍କୁ ତଲାକ୍ ଦିଅନ୍ତୁ ଏବଂ ସେ ହଜରତ ମୁହମ୍ମଦ ସ.ଆଙ୍କ ସହ ବିବାହ କରନ୍ତୁ ଯଦ୍ୱାରା ଏହା ପ୍ରମାଣିତ ହେବ ଯେ ଦେଶୀୟ ନୀୟମବଳୀ ଅନୁଯାୟୀ ପାଳିତ ସନ୍ତାନ ନିଜ ଅଣ୍ଡରକ୍ଷରୁ ଜନ୍ମିତ ସନ୍ତାନ ପରି ନୁହେଁ ।**

**ହଜରତ ମୁହମ୍ମଦ ସ.ଅଙ୍କ ସ୍ୱତନ୍ତ୍ର କ୍ରୀତଦାସ, ନିଷ୍ଠାପର ଓ ବିଶ୍ୱସ୍ତତାର ସର୍ବୋଚ୍ଚ ସ୍ତରରେ ବିରାଜମାନ ତଥା ପଦମର୍ଯ୍ୟାଦା ସମ୍ପର୍ଣ୍ଣ ବଦରୀ ସାହାବି ହଜରତ ଜୈଦ୍ ବିନ୍ ହାରସା ର.ଅଙ୍କ ଉତମ ଚରିତ୍ରର ବିଶ୍ୱାସ ବର୍ଦ୍ଧକ ତଥା ହୃଦୟଗ୍ରାହୀ ଚର୍ଚ୍ଚା ।**

**ହଜରତ ମୁହମ୍ମଦ ସ.ଅଙ୍କ ସହିତ ପୁଣ୍ୟବନ୍ତମାନଙ୍କ ମାତା ହଜରତ ଜୈନବ୍ ବିନତ୍ ଜହଶ୍ ର.ଅଙ୍କ ବିବାହ ବନ୍ଧନ ଘଟଣାର ବିସ୍ତାର ଚର୍ଚ୍ଚା ତଥା ଏଥିସମ୍ବନ୍ଧରେ ପାଶ୍ଚାତ୍ୟ ଐତିହାସିକଙ୍କର ଦୁର୍ବଳ, ଭିତିହିନ ଓ ଅଶ୍ଳିଳ ଅଭିଯୋଗ ମୂଳକ ବର୍ଣ୍ଣନାର ସଂଶୋଧନ ଓ ଦୃଢ ପ୍ରମାଣ ଆଧାରରେ ସେଗୁଡ଼ିକର ଖଣ୍ଡନ ।**

**ଶ୍ରୀମତି ସଲମାନ ଗୁଲଙ୍କ ଦେହ ତ୍ୟାଗ ଉପରାନ୍ତେ ମୃତକଙ୍କର ଜୀବନୀର ଉତମ ଚର୍ଚ୍ଚା ଓ ନମାଜ ଜାନାଯାଃ ପାଠ ।**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍ତ: ୨୧ ଜୁନ୍ ୨୦୧୯ ଅନୁଯାୟୀ ୨୧ ଏହ୍‌ସାନ୍ ୧୩୯୮ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - إِيَّاكَ نَعْبُدُ وَإِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ତଶହୁଦ୍, ତଉଜ ଓ ସୁରଃ ଫାତିହାର ଆବୃତି କରିବା ଅନ୍ତେ ହଜୁର ଅନୱର ଅ.ବ କହିଲେ- ଗତ ଖୁତବାରେ ମୁଁ କହିଥିଲି କି ହଜରତ ଜୈଦ୍ ବିନ୍ ହାରସା ର.ଅଙ୍କ ସମ୍ବନ୍ଧରେ ଆଉ କିଛି ତଥ୍ୟ ଆଲୋଚନା କରିବି । ହଜରତ ଜୈନବ୍ ବିନ୍ ଜହଶ୍‌ଙ୍କ ବିବାହ ସମୟରେ ତାଙ୍କର ବୟସ ୩୫ବର୍ଷ ଥିଲା ଏବଂ ଆରବର ପରମ୍ପରା ଅନୁଯାୟୀ ଏହି ବୟସ ଏପରି ଥିଲା ଯାହାକୁ ଉର୍ଦ୍ଧ୍ୱ ବୟସ୍କା କୁହାଯାଏ । ହଜରତ ଜୈନବ ଅତି ଧର୍ମନିଷ୍ଠ, ପବିତ୍ର ଓ ଦାନୀ ମହିଳା ଥିଲେ । ହଜରତ ଆଏଶା ତାଙ୍କ ଧର୍ମନିଷ୍ଠ ଓ ପବିତ୍ରତାର ପ୍ରଶଂସା କରିଛନ୍ତି ଏବଂ ସେ ଅଧିକାଂଶ ସମୟରେ କହୁଥିଲେ ଯେ ମୁଁ ଜୈନବ୍‌ଙ୍କ ଠାରୁ ଅଧିକ ପୁଣ୍ୟବତୀ ମହିଳା ଦେଖି ନାହିଁ । ସେ ଆହୁରି କୁହନ୍ତି କି ସେ ବେଶ୍ ସଦକା ଓ ଦାନଧର୍ମକାରୀ, ପୁଣ୍ୟବନ୍ତି, ଦୟା ଆଚରଣକାରୀ ଓ ଅଲ୍ଲାଃଙ୍କ ସାନିଧ ପ୍ରାପ୍ତ କରିବାରେ ସର୍ବଦା ତତ୍‌ପର ରହୁଥିବା ମହିଳା ଥିଲେ । ସଦକା ଓ ଦାନଧାନ କରିବାରେ ତାଙ୍କ ସ୍ତର ଏପରି ଥିଲା କି ହଜରତ ଆଏଶା କୁହନ୍ତି ଏକଦା ହଜୁର ସ.ଅ ଆମକୁ କହିଲେ- **ଅସ୍‌ରିକୁନ୍ନା ଲିହାକାନ୍‌ବି ଅତ୍‌ୱା ଲିକୁନ୍ନା ୟଦହୁ** ଅର୍ଥାତ ମୋର ବିଦାୟ ନେବା ପରେ ତୁମମାନଙ୍କ ମଧ୍ୟରୁ ଯାହାର ହସ୍ତ ସବୁଠାରୁ ଦୀର୍ଘତର ହୋଇଥିବ, ସେ ସର୍ବପ୍ରଥମେ ଦେହ ତ୍ୟାଗ କରି ମୋ ନିକଟରେ ପହଂଚିବେ । ହଜରତ ଆଏଶା କୁହନ୍ତି ସେଥିରୁ ଆମେ ପ୍ରକାଶ୍ୟ ହସ୍ତ ହିଁ ମନେକରି ପରସ୍ପରର ହସ୍ତ ମାପୁଥିଲୁ କିନ୍ତୁ ଯେତେବେଳେ ହଜୁର ସ.ଅଙ୍କ ପରେ ହଜରତ ଜୈନବ୍‌ଙ୍କର ଦେହାନ୍ତ ଘଟିଲା ସେତେବେଳେ ଯାଇ ଆମେ ରହି ରହସ୍ୟ ବୁଝିପାରିଲୁ କି ହସ୍ତ ଅର୍ଥ ସଦକା ଓ ଦାନଧାନ କରିବା ଅଟେ, ନା କି ଆମ ଶାରୀରିକ ହସ୍ତ ।

ହଜରତ ମିର୍ଜା ବଶିର ଅହମଦ ସାହେବ ଉଲ୍ଲେଖ କରିଛନ୍ତି- ହଜରତ ଜୈନବ୍‌ଙ୍କର (ହଜୁର ସ.ଅଙ୍କ ସହ) ବିବାହ କରିବାକୁ ନେଇ ମଦିନାର କପଟବିଶ୍ୱାସୀମାନେ ବହୁତ ଆପତି କଲେ ଏବଂ ସେମାନେ ଖୋଲାଖୋଲି ଭାବରେ ବ୍ୟଙ୍ଗୋକ୍ତି କରୁଥିଲେ କି ମହମ୍ମଦ ସ.ଅ ନିଜ ପୁତ୍ରର ତଲାକ୍ ପ୍ରାପ୍ତ ମହିଳାକୁ ବିବାହ କରି ନିଜ କୁଳବଧୂକୁ ନିଜ ପାଇଁ ବୈଦ୍ଧ କରିଦେଲେ । କିନ୍ତୁ ଯେତେବେଳେ କି ଏହି ବିବାହର ମୂଳ ଉଦ୍ଦେଶ୍ୟ ଆରବର ମୁର୍ଖ ରୀତିପ୍ରଥାର ମୂଳୋତ୍ପାଟନ କରିବା ଥିଲା ସେତେବେଳେ ଏପରି କଟାକ୍ଷ ମୂଳକ କଥା ମଧ୍ୟ ଶୁଣିବା ଜରୁରୀ ଥିଲା ।

ହଜୁର ଅନୱର ଅ.ବ କହିଲେ- ଏଠାରେ ଏହି ଚର୍ଚ୍ଚା କରିଦେବା ମଧ୍ୟ ଜରୁରୀ ଯେ ଇବନେ ଶାଦ ଓ ତିବରୀ ଆଦି ହଜରତ ଜୈନବ ବିନ୍ ଜହଶ୍‌ଙ୍କ ବିବାହ ସମ୍ବନ୍ଧରେ ସମ୍ପୂର୍ଣ୍ଣ ଭୁଲ ଓ କୌଣସି ସତ୍ୟତା ନଥିବା କଥା ଦରଜ କରିଛନ୍ତି । ଯେତେବେଳେ କି ଏହି କାହାଣୀ ସମ୍ପୂର୍ଣ୍ଣ ମିଥ୍ୟା ଓ ମନଗଢା ଅଟେ ଏବଂ ଗବେଷଣାକାରୀମାନେ ଏହାକୁ ପୂର୍ଣ୍ଣ ରୂପେ ଅବାନ୍ତର ଓ ମନଗଢା ଦର୍ଶାଇଛନ୍ତି ।

ଉଲ୍ଲେଖ ରହିଛି ଯେ ଯେତେବେଳେ ହଜରତ ମୁହମ୍ମଦ ସ.ଅ ଜୈନବ୍ ବିନତ୍ ଜହେଶ୍‌ଙ୍କ ବୁବାହ ହଜରତ ଜୈଦ ର.ଅଙ୍କ ସହ କରିଦେବାର କିଛି ଦିନ ଅନ୍ତରାଳରେ ହଜୁର ହଜରତ ଜୈଦଙ୍କୁ ଖୋଜିବା ପାଇଁ ତାଙ୍କ ଘରକୁ ଯାଇଥିଲେ । ସେତେବେଳେ ଭାଗ୍ୟବଶତଃ ଜୈଦ ଘରେ ନଥିଲେ । ଅତଏବ ଯେତେବେଳେ ବାହାରୁ ହଜୁର ଜୈଦଙ୍କ ଡ଼ାକରା ଦେଲେ ସେତେବେଳେ ଭିତରୁ ହଜରତ ଜୈନବ୍ ଉତର ଦେଇଥିଲେ କି ସେ ଘରେ ନାହାନ୍ତି କିନ୍ତୁ ହଜୁର ସ.ଅଙ୍କ ସ୍ୱର ଚିହ୍ନିପାରି ଦୌଡ଼ିଆସି କହିଲେ ହେ ଅଲ୍ଲାଃଙ୍କ ରସୁଲ ! ମୋ ପିତାମାତା ଆପଣଙ୍କ ଉପରେ ଉତ୍ସର୍ଗ, ଆପଣ ଭିତରକୁ ଆସନ୍ତୁ କିନ୍ତୁ ହଜୁର ସ.ଅ ମନାକରି ସେଠାରୁ ଫେରି ଆସିଥିଲେ ।

ବର୍ତମାନ ଦେଖନ୍ତୁ ଏହି ଘଟଣା ଏହିପରି ବର୍ଣ୍ଣନା କରି ଆଗକୁ ଲେଖାଯାଇଛି କି ଯେହେତୁ ହଜରତ ଜୈନବ୍ ହଜୁର ସ.ଅଙ୍କ ସ୍ୱର ଶୁଣିବା ମାତ୍ର ଘାବରାଇ ଉଠି ଆପଣଙ୍କ ନିକଟକୁ ଚାଲି ଆସିଥିଲେ, ତାଙ୍କ ଶରୀରରେ ଓଢଣି ନଥିଲା ଏବଂ ଘରର ଦ୍ୱାର ଖୋଲାଥିଲା । ହଜୁର ସ.ଅଙ୍କ ଦୃଷ୍ଟି ତଙ୍କ ଉପରେ ପଡ଼ିଲା ଏବଂ ଅଲ୍ଲାଃ କ୍ଷମା କରନ୍ତୁ ଆପଣ ତାଙ୍କର ସୌନ୍ଦର୍ଯ୍ୟତାରେ ପ୍ରଭାବିତ ହୋଇ ଏହି ଶବ୍ଦ ଆବୃତି କରିଥିଲେ **ସୁବ୍‌ହାନଲ୍ଲାହିଲ୍ ଅଜିମି ସୁବ୍‌ହାନଲ୍ଲାହି ମୁସର୍‌ରିଫିଲ୍ କୁଲୁବ୍** ଅର୍ଥାତ ପବିତ୍ରମୟ ସେହି ଅଲ୍ଲାଃ ଯେ ଅତ୍ୟନ୍ତ ପରାକ୍ରମୀ ଓ ପବିତ୍ର, ଯାହାଙ୍କ ଅଧିନରେ ଲୋକମାନଙ୍କ ହୃଦୟର ଡ଼ୋରି ରହିଛି ଏବଂ ଯେଉଁ ଆଡ଼କୁ ସେ ଇଚ୍ଛା କରନ୍ତି ସେହି ଆଡ଼କୁ ଫେରିଦିଅନ୍ତି । ଯେତେବେଳେ ହଜରତ ଜୈଦ ବିନ୍ ହାରସା ଘରକୁ ଫେରିଲେ ସେତେବଳେ ହଜରତ ଜୈନବ୍ ହଜୁର ସ.ଅଙ୍କର ତାଙ୍କ ଘରକୁ ଆସିଥିବା ସମ୍ବନ୍ଧରେ ଅବଗତ କଲେ । ପୁନଶ୍ଚ ସେ ପ୍ରଶ୍ନ କଲେ ହଜୁର କଣ କିଛି କହିଲେ । ହଜରତ ଜୈନବ୍ କହିଲେ ମୁଁ ତ ତାଙ୍କ ଘରକୁ ଆସିବାକୁ କହିଲି କିନ୍ତୁ ସେ ମନାକରି ଫେରିଯାଇଥିଲେ । ଏହା ଶୁଣିବା ମାତ୍ରେ ହଜରତ ଜୈଦ ହଜୁର ସ.ଅଙ୍କ ସେବାରେ ଉପସ୍ଥିତ ହେଲେ ଏବଂ କହିଲେ ହେ ଅଲ୍ଲାଃଙ୍କ ରସୁଲ ! ସମ୍ଭବତଃ ହଜରତ ଜୈନବ୍ ଆପଣଙ୍କୁ ପସନ୍ଦ ଆସିଛନ୍ତି । ଯଦି ଆପଣ ଇଚ୍ଛା ପ୍ରକାଶ କରନ୍ତି ତେବେ ମୁଁ ତାଙ୍କୁ ତଲାକ୍ ଦେବାକୁ ପ୍ରସ୍ତୁତ । ତା'ପରେ ଆପଣ ତାଙ୍କ ସହ ବିବାହ କରିନେବେ । ହଜୁର ସ.ଅ ଉତର ଦେଲେ ଜୈଦ ! ଅଲ୍ଲାଃଙ୍କୁ ଭୟ କର ଏବଂ ଜୈନବଙ୍କୁ ତଲାକ୍ ଦିଅ ନାହିଁ । ଏହି ଘଟଣା ଉଲ୍ଲେଖକାରୀ ଆଗକୁ ଲେଖିଛନ୍ତି କିନ୍ତୁ ଏହାସତ୍ୱେ ହଜରତ ଜୈଦ ହଜରତ ଜୈନବ୍‌ଙ୍କୁ ତଲାକ ଦେଲେ । ଏହି ଘଟଣା ଇବନେ ସାଦ ଓ ତିବରୀ ଆଦି ଉଲ୍ଲେଖ କରିଛନ୍ତି । ତେବେ ଉକ୍ତ ବର୍ଣ୍ଣନାନୁଯାୟୀ ତାହାର

ଏଭଳି ବ୍ୟାଖ୍ୟା କରାଯାଇ ପାରିବ ଯାହାକି ଆପତି କରିବା ଯୋଗ୍ୟ ନୁହେଁ । କିନ୍ତୁ ବାସ୍ତବରେ ଉକ୍ତ ବର୍ଣ୍ଣନା ସମ୍ପୂର୍ଣ୍ଣ ରୂପେ ଭୁଲ ଓ ଅବାନ୍ତର । ପ୍ରମାଣ ଦୃଷ୍ଟିରୁ ତାହା ସମ୍ପୂର୍ଣ୍ଣ ଭିତିହିନ ଅଟେ । କାରଣ ଉକ୍ତ ଘଟଣାର ଅଧିକାଂଶ ୱାକଦି ଓ ଅବଦୁଲ୍ଲା ବିନ୍ ଆମିର ଉସଲମିକାଙ୍କର ବର୍ଣ୍ଣନା ରହିଛି ଏବଂ ଉଭୟ ବ୍ୟକ୍ତି ବିଶେଷ ଐତହାସିକଙ୍କ ଦୃଷ୍ଟିରେ ଅତ୍ୟନ୍ତ ଦୃର୍ବଳ ତଥା ଆଦୌଁ ବିଶ୍ୱାସ ଯୋଗ୍ୟ ନୁହନ୍ତି । ବରଂ ୱାକିଦ୍ ତ ମିଥ୍ୟାବାଦୀରେ ଏଭଳି ସୁପ୍ରସିଦ୍ଧ କି ମୁସଲମାନମାନଙ୍କ ମଧ୍ୟରେ ତାହାର କେହି ସମକକ୍ଷ ନାହାନ୍ତି । ହଜରତ ମିର୍ଜା ବଶିର ଅହମଦ ସାହେବ ଲେଖିଛନ୍ତି ଏହି ବର୍ଣ୍ଣନା ବିପରୀତ ଆମେ ଯାହା ଲେଖିଅଛୁ କି ହଜୁର ସ.ଅଙ୍କ ନିକଟରେ ହଜରତ ଜୈଦ ଉପସ୍ଥିତ ହୋଇ ହଜରତ ଜୈନବଙ୍କର ତାଙ୍କ ସହ ଅସାଦାଚାରଣ କରିବାର ଅଭିଯୋଗ କରିବା ଦର୍ଶାଇଛୁ (ଜାହାକି ଗତ ଖୁତବାରେ ବର୍ଣ୍ଣନା କରାଯାଇଥିଲା) ଜାହାର ଉତରରେ ହଜୁର ସ.ଅ ତାଙ୍କୁ କହିଥିଲେ କି ତୁମେ ଅଲ୍ଲାଃଙ୍କୁ ଭୟ କର ଏବଂ ଜୈନବ୍‌ଙ୍କୁ ତଲାକ ଦିଅ ନାହିଁ । ଏହା ବୁଖାରୀରେ ଉଲ୍ଲେଖ ରହିଛି । ଯାହାକି ଶତ୍ରୁ ଓ ମିତ୍ର ସମସ୍ତଙ୍କ ଦୃଷ୍ଟିରେ ଇସଲାମୀୟ ଧର୍ମ ପୁସ୍ତକ ପବିତ୍ର କୁରଆନ ଅନ୍ତେ ଇତିହାସର ସବୁଠାରୁ ଅଧିକ ସ୍ୱୀକାର ଯୋଗ୍ୟ ସଂରକ୍ଷିତ ପୁସ୍ତକ । ଜାହା ଉପରେ ଆଜିପ ପର୍ଯ୍ୟନ୍ତ କୌଣସି ଆପତିଜନକ ଆଙ୍ଗୁଳି ଉଠିପାରି ନାହିଁ । ଅତଃ ରେୱାୟତ୍‌ର ଦୃଷ୍ଟି କୋଣରୁ ଉଭୟ ବର୍ଣ୍ଣନାର ଓଜନ ଓ ମୁଲ୍ୟ ସର୍ବସମ୍ମୁଖରେ ପ୍ରକାଶ୍ୟ ।

ଏହିପରି ନଜ ବୁଦ୍ଧିଜ୍ଞାନ ବଳରେ ମଧ ନିଷ୍ପତି କରିବା କୌଣସି ବଡ଼ କଥା ନୁହେଁ କି ଇବନେ ସାଦଙ୍କର ରେୱାୟତ୍ ଭୁଲ ହେବାରେ କୌଣସି ସନ୍ଦେହ ନାହିଁ । କାରଣ ଯେତେବେଳେ ଏହା ସ୍ୱିକୃତୀ ପ୍ରାପ୍ତ କି ହଜରତ ଜୈନବ୍ ହଜରତ ମୁହମ୍ମଦ ସ.ଅଙ୍କ ଫୁପୁ ଝିଅ ଭଉଣୀ ଏବଂ ଆପଣ ହିଁ ତାଙ୍କ ଓଲି ହୋଇ ହଜରତ ଜୈଦଙ୍କ ସହ ବିବାହ କରିଥିଲେ । ଦ୍ୱିତୀୟରେ ଏହା ମଧ କେହି ଅସ୍ୱୀକାର କରିବେ ନାହିଁ ଯେ ସେହି ଘଟଣା ପର୍ଯ୍ୟନ୍ତ କୌଣସି ମୁସଲମାନ ମହିଳା ପରଦା କରୁନଥିଲେ । ବର ପରଦା କରିବାର ଆଦେଶ ହଜୁର ସ.ଅଙ୍କ ସହ ହଜରତ ଜୈନବ୍‌ଙ୍କର ବିବାହ ଅନ୍ତେ ଅବତୀର୍ଣ୍ଣ ହୋଇଥିଲା । ଏପରି ଅବସ୍ଥାରେ ଏହା ଚିନ୍ତା କରିବା କି ହଜରତ ଜୈନବ୍‌ଙ୍କୁ ଆପଣ ପୂର୍ବରୁ କଦାପି ଦେଖିନଥିଲେ, କେବଳ ଏହି ଘଟଣାଦିନ ହଜୁର ସ.ଅଙ୍କ ଆଖି ପଡ଼ିଲା ଏବଂ ଆପଣ ତାଙ୍କ ପ୍ରତି ଆକର୍ଷିତ ହୋଇଥିଲେ, ସମ୍ପୂର୍ଣ୍ଣ ମିଥ୍ୟା ଓ ଭ୍ରାନ୍ତ ଧାରଣା ଅଟେ । ନିଶ୍ଚିତ ରୂପେ ହଜୁର ସ.ଅ ତାଙ୍କୁ ପୂର୍ବରୁ ମଧ ଦେଖିଥିବେ ଏବଂ ତାଙ୍କ ସୌନ୍ଦର୍ଯ୍ୟ ଓ ରୂପରଙ୍ଗ ଜାହା ମଧ ଥିଲା ଅବଗତ ଥିବେ । ଯଦି ଓ ଓଢଣୀରେ ଦେଖିବା ଓ ବିନା ଓଫଣୀରେ ଦେଖିବା କୌଣସି ତଫାତ ନାହିଁ କିନ୍ତୁ ଯେତେବେଳେ ସମ୍ପର୍କ ଏଭଳି ନିକଟତର ଥିଲା ଏବଂ ପରଦା କରିବାର ଆଦେଶ ଆବତୀର୍ଣ୍ଣ ହୋଇନଥିଲା । ତେବେ ହଜୁର ତାଙ୍କୁ କାହିଁ କେତେ ଥର ଦେଖିଥିବେ ଏବଂ ହଜରତ ଜୈନବ୍ ହଜୁର ସ.ଅଙ୍କୁ ଘରକୁ ଅସିବାର କହିବା ନିମନ୍ତେ ଆସିବା ପ୍ରକାଶ କରୁଅଛି କି ସେତେବେଳେ  ଆପଣଙ୍କ ଶରୀରରେ ଏତିକି ବସ୍ତ୍ର ତ ନିଶ୍ଚିତ ଥିବ କି ସେ ହଜୁର ସ.ଅଙ୍କ ନିକଟକୁ ଆସି ଘରକୁ ଆମନ୍ତ୍ରଣ କରିବା ପାଇଁ ଯଥେଷ୍ଟ ଥିବ । ସୁତରାଂ ଯେଉଁ ଦିଗରୁ ଉକ୍ତ ଘଟଣା ଉପରେ ଆଲୋକପାତ କଲେ ମଧ ତାହା ସମ୍ପୂର୍ଣ୍ଣ ରୂପେ ମିଛ ଓ କପୋଳକଳ୍ପିତ କାହାଣୀ ଅଟେ । ଯେଉଁଥିରେ କୌଣସି ସତ୍ୟାସତ୍ୟ ନାହିଁ ଏବଂ ଯଦି ଏହି ପ୍ରମାଣକୁ ଦୃଷ୍ଟିରେ ରଖି ହଜୁର ସ.ଅଙ୍କ ପବିତ୍ରମୟ ଓ ସଂଘର୍ଷପୂର୍ଣ୍ଣ ଜୀବନର ପ୍ରତି କ୍ଷଣର ଅବଲୋକନ କରାଯାଏ ତେବେ  ସ୍ପଷ୍ଟ ହୋଇଯିବ ଯେ ଏହି ଅବାନ୍ତର ଓ ଅଶ୍ଳିଳ ବର୍ଣ୍ଣନା ଉପରେ ତିଳେ ମାତ୍ର ସନ୍ଦେହ ବାକି ରହିବା ନାହିଁ । ଏହି କାରଣରୁ ଐତିହାସିକମାନେ ଉକ୍ତ ଘଟଣାକୁ ସମ୍ପୂର୍ଣ୍ଣ ମନଗଢା ଓ ମିଥ୍ୟା ଦର୍ଶାଇଛନ୍ତି ।

ଏହି ମନଗଢା କଥା ସମ୍ବନ୍ଧରେ ଏକଥା ମଧ ମନେରଖିବା ଉଚିତ ଯେ ହଜରତ ମିର୍ଜା ବଶିର ଅହମଦ ସାହେବ ସିରତ ଖାତମୁନ୍ ନବିଈନ୍‌ରେ ଉଲ୍ଲେଖ କରିଛନ୍ତି କି ଉକ୍ତ ଯୁଗ ଇସଲାମୀୟ ଇତିହାସରେ ଏପରି ଯୁଗ ଥିଲା ଯେତେବେଳେ କି ମଦିନାର କପଟବିଶ୍ୱାସୀଗଣ ବଳଶାଳୀ ହୋଇ ଉଠିଥିଲେ ଏବଂ ଅବଦୁଲ୍ଲାଃ ବିନ୍ ଉବେଇ ବିନ୍ ସୁଲୁଲ୍‌ର ଅଧକ୍ଷତାରେ ତାଙ୍କ ତରଫରୁ ଯୋଜନାବଦ୍ଧ ଭାବରେ ଏକ ସଡ଼ଯନ୍ତ୍ର ଇସଲାମ ଓ ଇସଲାମର ସଂସ୍ଥାପକଙ୍କୁ ବଦନାମ କରିବା ନିମନ୍ତେ ଚାଲିଥିଲା । ଏହାର ପ୍ରକ୍ରିୟା କିଛି ଏପରି ଥିଲା କି ସମ୍ପୂର୍ଣ୍ଣ ମିଥ୍ୟା ଓ ମନଗଢା କାହାଣୀ ଗୁପ୍ତ ଭାବରେ ପରିବ୍ୟାପ୍ତ କରିଚାଲ । ଅସଲ କଥା କିଛି ଥାଏ କିନ୍ତୁ ସେମାନେ ତାକୁ ଆଉ କିଛି ରଙ୍ଗ ଦେଇ ୧୦୦କିସମର ମିଛ ସାମିଲ କରି ତାହା ପଛରେ ପ୍ରଚାର କରିବା ଆରମ୍ଭ କରିଦେଇଥାନ୍ତି । ସୁତରାଂ ପବିତ୍ର କୁରଆନର ସୁରେ ଅହଜାବ୍‌ରେ ଯେଉଁ ସ୍ଥାନରେ ହଜରତ ଜୈନବ୍‌ଙ୍କ ବିବାହର ଚର୍ଚ୍ଚା ରହିଛି ସେହିସ୍ଥଳେ ମଦିନାର କପଟ ବିଶ୍ୱାସୀଙ୍କର ମଧ ବିଶେଷ ଚର୍ଚ୍ଚା ରହିଛି । ସେମାନଙ୍କ ସଡ଼ଯନ୍ତ୍ର ସମ୍ବନ୍ଧରେ ଉଲ୍ଲେଖ ରହିଛି **ଲଇଲ୍‌ଲମ୍ ୟନ୍‌ତହିଲ୍ ମୁନାଫିକୁନା ୱଲ୍‌ଲଜିନା ଫିକୁଲୁବିହିମ୍ ମରଜୁଉଁ ଓଲ୍‌ମୁର୍‌ଜିଫୁନା ଫିଲ୍ ମଦିନତି ଲନୁଗ୍‌ରିୟନ୍ନକା ବିହିମ୍ ସୁମ୍ମା ଲାୟୁଜାୱିରୁନକା ଫିହା ଇଲ୍ଲା କଲିଲା ।** (ଅହଜାବ୍ ୬୧) ଅର୍ଥାତ ଯଦି କପଟବିଶ୍ୱାସୀ ଓ ଯେଉଁମାନଙ୍କ ହୃଦୟରେ ନକାରତ୍ମକ ଚିନ୍ତାଧାରା ରହିଛି ତଥା ମଦିନାରେ ମିଥ୍ୟା ଅପପ୍ରଚାରକାରୀ ନିଜର ଏପରି କାର୍ଯ୍ୟରୁ ନିବୃତ ନରୁହନ୍ତି ତେବେ ହେ ନବୀ ଆମେ ତୁମକୁ ସେମାନଙ୍କ ଉପରେ କଠୋର କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବାକୁ ଅନୁମତି ପ୍ରଦାନ କରୁଅଛୁ । ତା'ପରେ ସେମାନଙ୍କ ମଧ୍ୟରୁ ଖୁବ୍ କମ ମଦିନାରେ ରହିଯିବେ । ଏହି ପଙ୍‌କ୍ତିରେ ଉକ୍ତ ଘଟଣାର ମିଥ୍ୟା ହେବା ସ୍ପଷ୍ଟ ରୂପେ ପ୍ରକଶ ପାଉଅଛି । ପାଖାପାଖି ସେହି ଯୁଗରେ ହଜରତ ଆଏଶାଙ୍କ ଉପରେ ମଧ ଏକ ଭୟଙ୍କର ଆରୋପ ଲଗାଯାଇଥିଲା । ଅବଦୁଲ୍ଲାଃ ବିନ୍ ଉବେଇ ବିନ୍ ସୁଲୁଲ୍ ଓ ତାହାର ବିଶ୍ୱାସଘାତୀ ସାଥିମାନେ ଏହି ମିଥ୍ୟା ଆରୋପକୁ ଏଭଳି ପ୍ରସାରିତ କଲେ ଏବଂ ଏଭଳି ଆକାରରେ ଅପପ୍ରଚାର କଲେ ଯେ ମୁସଲମାନମାନଙ୍କ ଉପରେ ଉକ୍ତ ସମୟ ଅତିବାହିତ କରିବା କଷ୍ଟକର ହୋଇଯାଇଥିଲା ଏବଂ କେତେକ ଦୁର୍ବଳ ଶ୍ରେଣୀର ମୁସଲମାନମାନେ ମଧ ସେମାନଙ୍କ ଅପପ୍ରଚାରର ଶିକାର ହୋଇଯାଇଥିଲେ । ବସ୍ତୁତଃ ଉକ୍ତ ସମୟ କପଟବିଶ୍ୱାସୀଙ୍କ ପ୍ରଭାବ ବିସ୍ତାର କରିବାର ସମୟ ଥିଲା ଏବଂ ତାଙ୍କର ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର ଏହା ଥିଲା କି ମିଥ୍ୟା, ନିର୍ଲଜ ଓ ଅସଭ୍ୟ ଖବର ପ୍ରଚାର ପ୍ରସାର କରି ହଜରତ ମୁହମ୍ମଦ ସ.ଅଙ୍କ ଓ ତାଙ୍କ ସମ୍ପର୍କୀୟମାନଙ୍କୁ ବଦନାମ କରିଦେବା ଏବଂ ଏହି ଖବର ସେମାନେ ଏପରି ସର୍ତକତାର ସହିତ ପ୍ରସାରିତ କରୁଥିଲେ ଯେ ଅନେକ ସମୟରେ ହଜରତ ମୁହମ୍ମଦ ସ.ଅ ଓ ତାଙ୍କ ବିଶିଷ୍ଟ ସାହାବାମାନଙ୍କୁ ଏହାର ବିସ୍ତୃତ ସୂଚନା ଜଣା ନଥିବା ଯୋଗୁଁ ସେମାନଙ୍କୁ ପ୍ରତିବାଦ କରିବାର ସୁଯୋଗ ମିଳୁ ନଥିଲା । ଫଳରେ ଭିତରେ ଭିତରେ ଏହାର ବିଷ ମାଡ଼ି ଯାଉଥିଲା ।

ହଜରତ ଜୈନବ୍ ବିନ୍ ଜହଶ୍‌ଙ୍କ ଘଟଣାରେ ସର୍ ଉଇଲିୟମ ମିୱର ଏହି ହୃଦୟ ବିଦାରକ ଅପବାଦ ଦେଇଥିଲା ଯେ ସତେଯେପରି ବୟସ ବଢୁଥିବା ସହିତ ହଜରତ ମୁହମ୍ମଦ ସ.ଅଙ୍କ ଯୌନ ଲାଳସା ମଧ ବଢିବାରେ ଲାଗିଥିଲା (ଈଶ୍ୱର କ୍ଷମା କରନ୍ତୁ) ଏବଂ ମିୱର ସାହେବ ହଜୁର ସ.ଅଙ୍କର ଯେଉଁ ଏକାଧିକ ବିବାହ ଥିଲା ତାହାର ଯଥାର୍ଥ ଏହା ଦର୍ଶାଇଛନ୍ତି କି ଏହା ଯୌନ ଲାଳସା ଥିଲା (ଈଶ୍ୱର କ୍ଷମା କରନ୍ତୁ) । ହଜରତ ମିର୍ଜା ବଶିର ଅହମଦ ସାହେବ ଲେଖିଛନ୍ତି ମୁଁ ମଧ ଏକ ଐତିହାସିକ ଭାବରେ କୌଣସି ଧାର୍ମିକ ତର୍କରେ ନପଡ଼ି ବର୍ଣ୍ଣନା କରୁଅଛି କିନ୍ତୁ ଯେତେବେଳେ ଇତିହାସର ଅସଲ ଘଟଣାକୁ ଏକ ଭ୍ରମ ମାର୍ଗରେ ଟାଣିନିଆଯାଏ ସେତେବେଳେ ଜଣେ ନ୍ୟାୟବନ୍ତ ଶ୍ୱର ଉତ୍‌ଳନ କରିବାରୁ କଦାପି ନିରବ ରହିନଥାଏ । ଅତଃ ଧାର୍ମିକ ଆବେଗ ଓ ହଜରତ ମୁହମ୍ମଦ ସ.ଅଙ୍କ ପବିତ୍ରତା, ଜାହା ଉପରେ ଜଣେ ନୈଷ୍ଠିକ ମୁସଲମାନ ଓ ଜଣେ ମୋମିନ୍ ନିଜ ଜୀବନ ଉତ୍ସର୍ଗ କରି ପାରେ । ଜ୍ଞାନ ଓ ଐତିହାସିକ ବାସ୍ତବତା ମଧ ଏପରି ଅସଭ୍ୟ ଓ ଅଶ୍ଳିଳ କଥାକୁ ଅସ୍ୱୀକାର କରୁଅଛି । ହଜରତ ମିର୍ଜା ବଶିର ଅହମଦ ସାହେବ ପୁଣି ଏପରି ଲେଖିଛନ୍ତି ଯେ

ନିଃସନ୍ଦେହରେ ଏହା ଏକ ଐତିହାସିକ ସତ୍ୟ ଯେ ହଜରତ ମୁହମ୍ମଦ ସ.ଅ ଏକାଧିକ ବିବାହ କରିଥିଲେ ଏବଂ ଏକଥା ମଧ ସମର୍ଥନ ଯୋଗ୍ୟ ଇତିହାସର ଅଂଶବିଶେଷ ଯେ ହଜରତ ଖଦିଜାଙ୍କୁ ଛାଡ଼ି ଦେଇ ତାଙ୍କର ଅନ୍ୟ ସମସ୍ତ ବିବାହ ବୃଦ୍ଧ କାଳରେ ହୋଇଥିବାର କୁହାଯାଇ ପାରିବ । କିନ୍ତୁ ଏପରି ମତ ପୋଷଣ କରିବା କି ଆପଣଙ୍କ ଏସମସ୍ତ ବିବାହ, ଈଶ୍ୱର କ୍ଷମା କରନ୍ତୁ ଯୌନ ଲାଳସାର ବଶବର୍ତୀ ହୋଇ ସମ୍ପର୍ଣ୍ଣ ହୋଇଥିଲା । ଜଣେ ଐତିହାସିକର ମର୍ଯ୍ୟାଦାର ବିପରୀତ ତଥା ଜଣେ ଭଦ୍ରବ୍ୟକ୍ତିର ସମ୍ମାନ ଠାରୁ ବହୁତ ଦୂରରେ । ମିୱର ସାହେବ ଏହି ସତ୍ୟ ବିଷୟରେ ଅଜଣା ନଥିଲେ ଯେ ହଜରତ ମୁହମ୍ମଦ ସ.ଅ ୨୫ବର୍ଷ ବୟସରେ ଜଣେ ୪୦ବର୍ଷୀୟ ଉର୍ଦ୍ଧ୍ୱ ବୟସ୍କା ବିଧବା ମହିଳାଙ୍କୁ ବିବାହ କରିଥିଲେ । ପୁଣି ନିଜର ୫୦ବର୍ଷ ବୟସ ପର୍ଯ୍ୟନ୍ତ ସେହି ବନ୍ଧନରେ ଆବଦ୍ଧ ହୋଇ (ତାହାର କର୍ତବ୍ୟ) ସୁଚାରୁ ରୂପେ ତୁଲାଇଥିଲେ । ଏପରି ନିଷ୍ଠା ଓ ତ୍ୟାଗର ଜୀବନ ଯାପନ କରିବାର କୌଣସି ଦୃଷ୍ଟାନ୍ତ ଦେଖିବାକୁ ମିଳେ ନାହିଁ । ମିୱର ସାହେବ ଏପରି ଅନ୍ୟ ଏକ ଐତିହାସିକ ଘଟଣାରୁ ମଧ ଅଜଣା ନଥିଲେ ଯେ ଯେତେବେଳେ ମକ୍କାବାସୀ ତାଙ୍କର ପ୍ରଚାର କାର୍ଯ୍ୟରେ କ୍ଷୁବ୍ଧ ହେବା ଯୋଗୁଁ ତାଙ୍କ ନିକଟକୁ ଉତବା ବିନ୍ ରବିୟାକୁ ଜଣେ ପ୍ରତିନିଧି ଦଳର ନେତା କରି ପ୍ରେରଣ କରିଥିଲେ ଏବଂ ତାଙ୍କଠାରେ ଯୋରଦାର ଅପିଲ କରିଥିଲେ ଯେ ସେ ନିଜର ଏହି ପ୍ରୟାସରୁ କ୍ଷାନ୍ତ ରହନ୍ତୁ । ଧନ ସାର୍ମାର୍ଯ୍ୟ ଯାହା ଚାହିଁବେ ତାହା ଦିଆଯିବ ଓ ତାହା ବ୍ୟତିତ ଏପରି ନିବେଦନ ମଧ କରିଥିଲେ ଯେ ଯଦି ସେ କୌଣସି ଉତମ, ଗୁଣବାନ ଓ ସୁନ୍ଦରୀ କନ୍ୟା ସହ ବିବାହ କରି ଆମ ଉପରେ ଖୁସି ହୋଇପାରିବେ ଓ ଆମ ଧର୍ମକୁ ନିନ୍ଦା କରିବା ତଥା ନୂତନ ଧର୍ମର ପ୍ରଚାରରୁ ନିବୃତ ରହିପାରିବେ ତେବେ ସେ ଯେଉଁ କନ୍ୟାକୁ ସ୍ୱଇଚ୍ଛାରେ ପସନ୍ଦ କରିବେ ଆମେ ତାଙ୍କ ସହିତ ତାଙ୍କୁ ବିବାହ ଦେବୁ । ସେସମୟରେ ତାଙ୍କ ବୟସ ଏମିତି କିଛି ଅଧିକ ନଥିଲା, ପୁଣି ଶାରୀରିକ ଶକ୍ତି ପରବର୍ତୀ ସମୟ ତୁଳନାରେ ନିଶ୍ଚତ ରୂପେ ଭଲ ଅବସ୍ଥାରେ ଥିଲା । ମାତ୍ର ଏହା ଶୁଣି ମହାଭାଗ ମକ୍କାର ମୁଖୀଆମାନେ ପଠାଇଥିବା ସେହି ପ୍ରତିନିଧିମାନଙ୍କୁ ଯେଉଁ ଉତର ଦେଲେ, ତାହା ମଧ ଇତିହାସର ଏକ ଉନ୍ମୁକ୍ତ ପୃଷ୍ଠା । ପୁଣି ଐତିହାସିକ ଘଟଣାର ଅନ୍ୟ ଏକ ଦୃଷ୍ଟାନ୍ତ ମିୱର ସାହେବଙ୍କ ଦୃଷ୍ଟିରୁ ଏଡ଼ାଇ ଯାଇନଥିବ

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ସଂସାର ପ୍ରାପ୍ତ କରିବାର ଅସଲ ଉଦ୍ଦେଶ୍ୟ ଦୀନ୍ (ଅର୍ଥାତ୍ ଧର୍ମ) ହେଉ ଓ ଏଭଳି ଭାବେ ସଂସାରକୁ ପ୍ରାପ୍ତ କରାଯାଉ ଯେ ତାହା ଦୀନ୍‌ର ଖାଦିମ୍ ଅର୍ଥାତ୍ ସେବକ ହେଉ ।''

*(ଖୁତ୍‌ବା ଯୁମାଃ: ପ୍ରଦତ ୫ ମଇ ୨୦୧୭)*

ତାଲିବେ ଦୁଆ: *Siddique Ahmed & Family,*
*Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ମୁସଲମାନ ପବିତ୍ର କୋରାନ୍‌କୁ ସମ୍ପୂର୍ଣ୍ଣରୂପେ ଅନୁସରଣ କରି ତ'ଉପରେ ପରିଚାଳିତ ନ ହୋଇଛନ୍ତି (ସେ ପର୍ଯ୍ୟନ୍ତ) ସେମାନେ କୌଣସି ପ୍ରକାରର ଉନ୍ନତି କରିପାରିବେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୭୯)*

ତାଲିବେ ଦୁଆ: *Abdur Rahman Khan & Family,*
*Jamat Ahmadiyya, Pankal (Odisha)*

ଯେ ମକ୍କାର ଲୋକେ ତାଙ୍କୁ ତାଙ୍କର ଅବତାରତ୍ୱ ପୂର୍ବରୁ ଅର୍ଥାତ ୪୦ବର୍ଷ ବୟସ ପର୍ଯ୍ୟନ୍ତ ଜଣେ ଉତ୍କୃଷ୍ଟ ଚରିତ୍ର ସମ୍ପର୍ଣ୍ଣ ପୁରୁଷ ରୂପେ ସେ ଭଲ ଭାବେ ଜାଣିଥିଲେ । ମାତ୍ର ଏହିସବୁ ପ୍ରମାଣ ରହିଥିଲେ ସୁଧା ମିଓ୍ୱର ସାହେବ ଏପରି ଲେଖିବା ଯେ ୫୫ବର୍ଷ ବୟସ ହେବା ପରେ ଏକପକ୍ଷେ ତାଙ୍କର ଶାରୀରିକ ଶକ୍ତି ଦିନକୁ ଦିନ କ୍ଷୀଣ ହେବାର ଦେଖାଯାଉଥିଲା ତ ଅପରପକ୍ଷେ ତାଙ୍କର ବ୍ୟସ୍ତତା ଓ ଦାୟିତ୍ୱ ଏପରି ବଢି ଯାଇଥିଲା ଯାହା ଜଣେ ବ୍ୟସ୍ତବହୁଳ ମନୁଷ୍ୟର ମଗ୍ନତା ମଧ୍ୟ ଲାଜ କରିବ । ସେତେବେଳେ କିପରି ସେ ବିଳାସମୟ ଜୀବନ ଉପଭୋଗ କରୁଥିଲେ । ଏହି କଥା ନିଶ୍ଚିତ ରୂପେ କଦାପି ଏକ ଇର୍ଷାପରାୟଣ ମନ୍ତବ୍ୟ ରୂପେ ବୁଝା ଯାଇପାରିବ ନାହିଁ । ଯାହା ସେ ନିଜ ମନ୍ତବ୍ୟରେ ଉଲ୍ଲେଖ କରିଛନ୍ତି । ବିଶେଷତଃ ଏହା ଏକ ଐତିହାସିକ ସତ୍ୟ ଯେ ମହାଭାଗ ନିଜ ଯୌବନ କାଳକୁ ଏପରି ଅବସ୍ଥାରେ ଅତିବାହିତ କରିଥିଲେ, **ଯାହା ଯୋଗୁଁ ସେ ଆପଣା ଓ ପରମାନଙ୍କ ଠାରୁ ଅମିନ୍‌ର ଆଖ୍ୟା ଲାଭ କରିଥିଲେ ।**

ହଜରତ ମିର୍ଜା ବଶିର ଅହମଦ ସାହେବ ଉଲ୍ଲେଖ କରିଛନ୍ତି ଏବଂ ପ୍ରତ୍ୟେକ ପାଠକ ତଥା ଇସଲାମର ଇତିହାସର ଜ୍ଞାନ ରଖୁଥିବା ବ୍ୟକ୍ତି ନିଶ୍ଚିତ ଭାବରେ ଏହି ଭାବନା ରଖିଥାନ୍ତି କି ତାହାର ଅଧ୍ୟୟନ ଦ୍ୱାରା ମୋ ଆଧାତ୍ମିକ ଶାନ୍ତି ଲାଭ ହୋଇଥାଏ କି ହଜୁର ସ.ଅଙ୍କ ଏକାଧିକ ବିବାହ ଯେଉଁ ବୟସରେ ହୋଇଥିଲା ତାହା ଏପରି ସମୟ ଯେତେବେଳେ କି ଆପଣଙ୍କ ଉପରେ ନବୁଓ୍ୱତର କର୍ତବ୍ୟ ସମ୍ପାଦନ କରିବା ଭାର ଅଧିକ ଥିଲା ଏବଂ ଏତତ୍ ବ୍ୟତୀତ ଅନ୍ୟାନ୍ୟ କାର୍ଯ୍ୟଭାର ଏଭଳି ରହିଥିଲା କି ଆପଣ ସମ୍ପୂର୍ଣ୍ଣ ରୂପେ ମଗ୍ନ ରହୁଥିଲେ । ପ୍ରତ୍ୟେକ ନ୍ୟାୟବନ୍ତ ଓ ଆଦର୍ଶ ବ୍ୟକ୍ତି ନିକଟରେ ଏହା ଏକ ପ୍ରମାଣ ସୂଚକ ଯେ ଆପଣଙ୍କ ଏସମସ୍ତ ବିବାହ ଆପଣଙ୍କ କର୍ତବ୍ୟ ସମ୍ପାଦନ କରିବାର ଅଂଶବିଶେଷ ଥିଲା । ଜାହାକି ଆପଣ ସେମାନଙ୍କ ଶିକ୍ଷାଦିକ୍ଷା ଓ ପ୍ରଚାର ଉଦ୍ଦେଶ୍ୟରେ କରିଥିଲେ । ଜଣେ ମନ୍ଦବ୍ୟକ୍ତି ଅନ୍ୟର କାର୍ଯ୍ୟରେ ମନ୍ଦଚିନ୍ତା ହିଁ ଅନ୍ୱେଷଣ କରିଥାଏ ଏବଂ ନିଜର ଅପବିତ୍ର ଚିନ୍ତାଧାରା ଯୋଗୁଁ ଅନ୍ୟର ପବିତ୍ର ଚିନ୍ତାଧାରକୁ ବୁଝିପାରିନଥାଏ । କିନ୍ତୁ ଜଣେ ପବିତ୍ର ମଣିଷ ଏକଥା ଜାଣିଥାଏ ଓ ବୁଝିଥାଏ କି କେତେକ ସମୟରେ ଗୋଟିଏ କାର୍ଯ୍ୟ ଜଣେ ମନ୍ଦବ୍ୟକ୍ତି ଖରାପ ମନାରେ କରିଥାଏ କିନ୍ତୁ ସେହି କାର୍ଯ୍ୟକୁ ଜଣେ ପୁଣ୍ୟବନ୍ତ ପବିତ୍ର ଓ ସ୍ୱଚ୍ଛ ମନରେ ସମ୍ପାଦନ କରିଥାଏ ।

ପୁଣି ଏହା ସ୍ପଷ୍ଟ ହେବା ଉଚିତ ଯେ ଇସଲାମରେ ବିବାହ ବନ୍ଧନର ଉଦ୍ଦେଶ୍ୟ ପୁରୁଷ ଓ ମହିଳାଙ୍କର ଯୌନ ଲାଳଷାକୁ ପୂରଣ କରିବା ନୁହେଁ ବରଂ ନିଜ ବଂଶକୁ ଆଗକୁ ଚାଳାଇବାକୁ ପାଇଁ ବିବାହ ବନ୍ଧନ ଏକ ବୈଦ୍ଧ ମାର୍ଗ । କିନ୍ତୁ ଏଥିରେ ଆହୁରି ଅନେକ ପବିତ୍ର ଉଦ୍ଦେଶ୍ୟ ରହିଛି । ଅତଃ ଜଣେ ମଣିଷର ବିବାହର ଉଦ୍ଦେଶ୍ୟ ପଡ଼ତାଲ କରିବା, ଜାହାଙ୍କ ଜୀବନର ପ୍ରତ୍ୟେକ ମୁହୂର୍ତ୍ତ ଓ ବସିବା ଉଠିବା ତାଙ୍କ ନିଃସ୍ୱାର୍ଥପରତା ଓ ପବିତ୍ରତାର ପ୍ରମାଣ ଅଟେ । ମନ୍ଦବ୍ୟକ୍ତିର ମନ୍ଦ ଚିନ୍ତାଧାରା ତାହାକୁ ନିମିତ ମାତ୍ର କ୍ଷତି ପହଂଚାଇ ପାରିନଥାଏ । ଜାହା ସମ୍ବନ୍ଧରେ ଏପରି ରାଏ ଦିଆଯାଏ ତାହାକୁ ସର୍ବପ୍ରଥମେ ନିଜ ଅନ୍ତରକୁ ଆଇନାରେ ଦେଖିନେବା ଉଚିତ । ହଜରତ ମିର୍ଜା ବଶିର ଅହମଦ ସାହେବ ଲେଖିଛନ୍ତି ଅତଏବ ଏଥିରୁ ଅଧିକ ଉକ୍ତ ଆପତିର ଉତର କିଛି ହୋଇପାରେନା **ୱଲ୍ଲାହୁଲ୍ ମୁସ୍‌ତାଆନୁ ଅଲା ମାତସିଫୁନ୍** ଅର୍ଥାତ ଏପରି ମାମଲାରେ ଅଲ୍ଲାଃ ହିଁ ସେହି ହସ୍ତି ଜାହାଙ୍କ ନିକଟରେ ସାହାଯ୍ୟ ଭିକ୍ଷା କରାଯାଇପାରେ, ଜାହାକି ତୁମେ ବର୍ଣ୍ଣନା କରୁଅଛ । ( ସିରତ୍ ଖାତମୁନ ନବୀଇନ୍ ପୃ-୫୪୯, ୫୫୫)

ହଜରତ ଖଲିଫତୁଲ୍ ମସିହ ଦ୍ୱିତୀୟ ବର୍ଣ୍ଣନା କରିଛନ୍ତି ଯେ ହଜରତ ମହମ୍ମଦ ସ.ଅ ନିଜ ପିଉସି ଝିଅର ବିବାହ ହଜରତ ଜୈଦଙ୍କ ସହିତ କରାଇଥିଲେ । କିନ୍ତୁ ଏହି ବନ୍ଧନ ସଫଳ ହେଇନଥିଲା । ସେ ଲେଖିଛନ୍ତି ଯେ ଅସଲ କାରଣ ହେଉଛି, ଅଲ୍ଲାଃତାଲା ଲୋକମାନଙ୍କ ଉପରେ ଏହା ପ୍ରକାଶ କରିବାକୁ ଚାହୁଁଥିଲେ ଯେ ହଜୁର ସ.ଅଙ୍କର ନିଜସ୍ୱ କୌଣସି ପୁତ୍ର ସନ୍ତାନ ନଥିଲେ । କିନ୍ତୁ ଦେଶୀୟ ପରମ୍ପରା ଅନୁଯାୟୀ ତାଙ୍କର ସନ୍ତାନ ଥିଲେ । ଯେପରିକି ଜୈଦ୍, ଲୋକମାନେ ତାଙ୍କୁ ଇବନେ ମୁହମ୍ମଦ କହୁଥିଲେ । **ହଜରତ ଜୈଦଙ୍କ ବିବାହର ଘଟଣା ଦ୍ୱାରା ଈଶ୍ୱର ଏହା ପ୍ରକଟିତ କଲେ ଯେ ତାକୁ ହିଁ ପ୍ରକୃତ ସନ୍ତାନ କୁହାଯିବ ଯିଏ, ବିଧିର ନିୟମ ଅନୁଯାୟୀ ହୋଇଥିବ । ଅର୍ଥାତ ନିଜ ଔରସରୁ ଜନ୍ମ ହୋଇଥିବା ସନ୍ତାନ** । ଦେଶୀୟ ନିୟମ ଭିତିକ ସନ୍ତାନ କଦାପି ଅସଲ ସନ୍ତାନ ବୋଲାନ୍ତି ନାହିଁ । ଏହି କଥାକୁ ପ୍ରତିଷ୍ଠା କରିବା ପାଇଁ ଏକ ମାତ୍ର ଉପାୟ ହେଉଛି ଯେ ହଜରତ ଜୈଦଙ୍କ ତଲାକ ପ୍ରାପ୍ତ ମହିଳା ସହିତ ହଜୁର ସ.ଅ ବିବାହ କରିବା ଯୁକ୍ତିଯୁକ୍ତ ।

ଅଲ୍ଲାଃତାଲା ଜୈଦ ଓ ତାଙ୍କ ପତ୍ନୀଙ୍କ ମଧ୍ୟରେ ବିଭେଧକୁ ଦୂର ହେବାକୁ ପ୍ରଶୟ ଦେଲେ ନାହିଁ । ନିୟତିର ବିଧାନ ବି ଏହା ଥିଲା ଯେ ଜୈଦ ନିଜ ପତ୍ନୀଙ୍କୁ ତଲାକ ଦିଅନ୍ତୁ ଏବଂ ସେହି ମହିଳା ହଜରତ ମହମ୍ମଦ ସ.ଅଙ୍କ ବୈବାହିକ ସମ୍ପର୍କର ଘେରକୁ ଆସିଯାନ୍ତୁ **ଯଦ୍ୱାରା ଏହା ପ୍ରମାଣିତ ହେବ ଯେ ଦେଶୀୟ ଚଲଣୀ ଦୃଷ୍ଟିରୁ ରହିଥିବା ସନ୍ତାନ ପ୍ରାକୃତିକ ନିୟମ ଅନ୍ତର୍ଭୁକ୍ତ ନିୟମ ସନ୍ତାନ ସଦୃଶ ହୋଇପାରିବେ ନାହିଁ** । ଏହା ମଧ୍ୟ ଏକ ତଥ୍ୟ ଜାହାକି ଏହି ବିବାହ ବନ୍ଧନର ଉଦ୍ଦେଶ୍ୟ ଥିଲା । ( ଖୁତବାତେ ମହମୁଦ୍ ଭାଗ ୩ ପୃ ୩୯୦-୩୯୧ )

ହଜରତ ମୁହମ୍ମଦ ସ.ଅଙ୍କର ସ୍ୱତନ୍ତ୍ର କ୍ରୀତଦାସଙ୍କ ସହ ଯେଭଳି ଆଚରଣ ଥିଲା, ସେଥିସମ୍ବନ୍ଧରେ ହଜରତ ମିର୍ଜ ବଶିର ଅହମଦ ସାହେବ ସିରତ୍ ଖାତମୁନ ନବୀଇନ୍‌ରେ ଉଲ୍ଲେଖ କରିଛନ୍ତି:

ହଜରତ ମୁହମ୍ମଦ ସ.ଅ ଲୋକମାନଙ୍କର ତଥାକଥିତ ଚିନ୍ତାଧାରାର ସଂଶୋଧନ କରିବା ଉଦ୍ଦେଶ୍ୟରେ କ୍ରୀତଦାସ ଓ ସ୍ୱାଧୀନ କ୍ରୀତଦାସମାନଙ୍କ ମଧ୍ୟରେ ଦକ୍ଷ ଲୋକମାନଙ୍କ ସମ୍ମାନ ଓ ମର୍ଯ୍ୟାଦା ପ୍ରଦାନ କରୁଥିଲେ । ବସ୍ତୁତଃ ହଜୁର ସ.ଅ ଅନେକ ଅବସରରେ ଆପଣ ନିଜ ସ୍ୱତନ୍ତ୍ର କ୍ରୀତଦାସ ହଜରତ ଜୈଦ ବିନ୍ ହାରସା ର.ଅ ଓ ତାଙ୍କ ସୁପୁତ୍ର ଉସାମା ବିନ୍ ଜୈଦଙ୍କୁ ଯୁଦ୍ଧ କ୍ଷେତ୍ରକୁ ପ୍ରେରଣ କଲାବେଳେ ସେହି ସୈନ୍ୟଦଳର ତାଙ୍କୁ ଅମିର ଘୋଷିତ କରୁଥିଲେ ଏବଂ ବଡ଼ ବଡ଼ ସାହାବା ଓ ମାନ୍ୟଗଣ ବ୍ୟକ୍ତିତ୍ୱଙ୍କୁ ତାଙ୍କ ଅଧିନରେ କାର୍ଯ୍ୟ କରିବାରେ ମୁତୟନ କରୁଥିଲେ । ଯେତେବେଳେ ଅଜ୍ଞ ବ୍ୟକ୍ତିମାନେ ନିଜର ଚିରାଚରିତ ଧରଣା ବଶତଃ ହଜୁର ସ.ଅଙ୍କ ନିକଟରେ ଏପରି ନିଷ୍ପତି ଉପରେ ଆପତି କରୁଥିଲେ ସେତେବେଳେ ହଜୁର କହୁଥିଲେ.. ତୁମେମାନେ ହଜରତ ଉସାମା ର.ଅଙ୍କ ଅମିର ହେବା ଯୋଗୁଁ ଅଭିଯୋଗ କରୁଅଛ, ଏହା ପୂର୍ବରୁ ତୁମେମାନେ ତାଙ୍କ ପିତା ହଜରତ ଜୈଦଙ୍କ ଅମିର ହେବାରେ ମଧ୍ୟ ଲାଂଛନା ଲଗାଇ ସାରିଛ କିନ୍ତୁ ଅଲ୍ଲାଃଙ୍କ ରାଣ ଯେଭଳି ହଜରତ ଜୈଦ ଅମିର ହେବାର ଯୋଗ୍ୟ ଓ ଉପଯୁକ୍ତ ପ୍ରାର୍ଥି ଥିଲେ ତଥା ମୋର ପ୍ରିୟମାନଙ୍କ ମଧ୍ୟରୁ ଜଣେ ଥିଲେ । ସେହିପରି ଉସାମା ର.ଅ ମଧ୍ୟ ଅମିର ହେବା ଯୋଗ୍ୟ ଓ ମୋର ଅତି ପ୍ରିୟ ଅଟନ୍ତି ।

ହଜୁର ସ.ଅଙ୍କ ଏପରି କଥାରେ ସାହାବାଙ୍କ ମୁଣ୍ଡ ନଇଗଲା ଏବଂ ସେମାନେ ବୁଝିନେଲେ ଯେ ଇସଲାମରେ କୌଣସି ବ୍ୟକ୍ତିର କ୍ରୀତଦାସ ଅବା କ୍ରୀତଦାସର ସନ୍ତାନ ହେବା କିମ୍ବା ନିମ୍ନ ଜାତି ସହ ସମ୍ପର୍କ ରଖିବା, ତାହାର ବିକାଶ ଓ ଉନ୍ନତି ପଥରେ ବାଧକ ସାଜିନଥାଏ । ଅସଲ ସ୍ତର ନିରୂପଣ କରିବାର ଆଧାର ଶିଳା ଧର୍ମପରାୟଣତା ଓ ବ୍ୟକ୍ତିଗତ ଦକ୍ଷତା ଅଟେ । (ସିରତ୍ ଖାତମୁନ ନବୀଇନ୍ ହଜରତ ମିର୍ଜ ବଶିର ଅହମଦ ସାହେବ ଏମ.ଏ ପୃ ୬୮୩)

ଆଠାରୁ ବଳି ଆଉ କଣ ହୋଇପାରେ କି ଆପନ ନିଜ ଫୁପୁ ଝିଅ ହଜରତ ଜୈନବ୍ ବିନତ୍ ଜହଶ୍‌ଙ୍କର ବିବାହ ହଜରତ ଜୈଦଙ୍କ ସହ କରିଦେଲେ ଏବଂ ଆଶ୍ଚର୍ଯ୍ୟର କଥା ଯେ ସମ୍ପୂର୍ଣ୍ଣ କୁରଆନରେ ଯଦି କୌଣସି ସାହାବିଙ୍କର ନାମ ଦରଜ ଅଛି ତେବେ ତାହା ହଜରତ ଜୈଦ ର.ଅଙ୍କର ଅଟେ । (ସିରତ୍ ଖାତମୁନ ନବୀଇନ୍ ହଜରତ ମିର୍ଜ ବଶିର ଅହମଦ ସାହେବ ଏମ.ଏ ପୃ ୩୯୮-୩୯୯)

ହଜରତ ଜୈଦ ବଦର, ଓ୍ୱହଦ, ଖନ୍ଦକ, ହୁଦେବିୟା ତଥା ଖୈବର ଯୁଦ୍ଧ ଇତ୍ୟାଦିରେ ହଜରତ ମୁହମ୍ମଦ ସ.ଅଙ୍କ ସହିତ ସମ୍ମିଳିତ ହୋଇଥିଲେ । ସେ ହଜରତ ମୁହମ୍ମଦଙ୍କ ସେନା ଦଳର ବିଚକ୍ଷଣ ତୀର ଯୁଦ୍ଧାମାନଙ୍କ ମଧ୍ୟରେ ପରିଗଣିତ ହେଉଥିଲେ ଯେତେବେଳେ ହଜରତ ମହମ୍ମଦ ସ.ଅ ଗଜଓ୍ୱାଏ ମରିସି (ବନୁ ମୁସତଲିକ୍ ଯୁଦ୍ଧ)କୁ ଯିବା ପାଇଁ ବାହାରିଲେ, ସେତେବେଳେ ହଜରତ ଜୈଦଙ୍କୁ ଅମିର ଭାବେ ନିଯୁକ୍ତ କରିଥିଲେ । ହଜରତ ମିର୍ଜା ବଶିର ଅହମଦ ସାହେବ ସିରତ ଖାତମୁନ୍ ନବୀଇନ୍‌ରେ ଲେଖିଛନ୍ତି- ଅସିରା ଯୁଦ୍ଧ ପରେ ହଜରତ ମୁହମ୍ମଦ ସ.ଅଙ୍କୁ ମଦିନା ଆସିବାକୁ ୧୦ଦିନ ମଧ୍ୟ ଅତିବାହିତ ହୋଇନଥିଲା ଯେ ମକ୍କାର ଜଣେ ମାନ୍ୟଗଣ ବ୍ୟକ୍ତି କରଜ୍ ବିନ ଜାବିର ଫେରୀ କୁରୈଶର ଏକ ଦଳକୁ ଅତ୍ୟନ୍ତ ସର୍ତକତା ସହିତ ମଦିନାର ଚରା ଭୂମି ଉପରେ ମାତ୍ର ୩ମାଇଲ୍ ଦୂରରେ ଥିଲା, ଅଚାନକ ଚଢାଉ କରିଦେଲା । ସେଠାରୁ ମୁସଲମାନମାନଙ୍କ ଓଟ ଆଦି ଲୁଟି ନେଇ ଚାଲିଗଲା । ହଜରତ ମୁହମ୍ମଦ ସ.ଅଙ୍କୁ ଯେତେବେଳେ ଏହି ସୂଚନା ମିଳିଲା ସେ ତତ୍‌କ୍ଷଣାତ ଜୈଦ ବିନ୍ ହାରସାଙ୍କୁ ନିଜ ପଛରେ ଅମିର ନିଯୁକ୍ତ କରି ମୁହାଜରିନ୍‌ର ଏକ ଦଳକୁ ସାଥିରେ ନେଇ ତାଙ୍କର ପିଛା କରିବାକୁ ବାହାରିଲେ । ବଦର ପାଖରେ ଥିବା ସଫଓ୍ୱାନ ନାମକ ଏକ ସ୍ଥାନ ପର୍ଯ୍ୟନ୍ତ ତାର ପିଛା କଲେ । କିନ୍ତୁ ସେ ତାଙ୍କ ହାବୁଡ଼ରେ ନପଡ଼ି ପଳାଇଗଲା । ଏହି ଯୁଦ୍ଧକୁ ପ୍ରଥମ ବଦର ଯୁଦ୍ଧ ମଧ୍ୟ କୁହାଯାଏ । (ସିରତ୍ ଖାତମୁନ ନବୀଇନ୍ ହଜରତ ମିର୍ଜ ବଶିର ଅହମଦ ସାହେବ ଏମ.ଏ ପୃ ୩୩୦)

ଜାହାର ମୁଁ ପ୍ରଥମେ ସ୍ପଷ୍ଟିକରଣ କରିଦେଇଛି ଏବଂ ଉଶେରାଃ ଯୁଦ୍ଧ ସମ୍ବନ୍ଧରେ ସଂକ୍ଷିପ୍ତ ଟିପଣୀ ଦେଇଦେଉଛି ଯେ ଯେତେବେଳେ ହଜୁର ସ.ଅ କୁରୈଶଙ୍କର କୁଟନିତୀ ସମ୍ବନ୍ଧରେ ଖବର ମିଳିଲା ସେତେବେଳେ ହଜୁର ମଦିନାରୁ ସାହାବାମାନଙ୍କୁ ସାଥିରେ ନେଇ ସମୁଦ୍ର କୂଳେ କୂଳେ ଉସେରା ସ୍ଥାନରେ ପହଂଚିଲେ । ଯଦିଓ ସେଠାରେ କୁରୈଶଙ୍କ ସହ ମୁହାମୁହିଁ ମୁକାବିଲା ହୋଇନଥିଲା କିନ୍ତୁ ସେଠାରେ ବନି ମୁଦଲଜ୍ କବିଲା ସହ କେତେକ

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁ ଅଛ କି ତୁମକୁ ଇହକାଳ ଓ ପରକାଳରେ ସଫଳତା ହାସଲ ହେଉ ଓ ଲୋକଙ୍କ ମନ ଉପରେ ବିଜୟ ପ୍ରାପ୍ତ ହେଉ ତେବେ ପବିତ୍ରତା ଅବଲମ୍ବନ କର । ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜର ସୁଚରିତ୍ରର ନମୁନା ଦେଖାଓ ତେବେ ନିଶ୍ଚିତ ରୂପେ ସଫଳ ହେବ''

*(ଖୁତ୍‌ବା ଯୁମାଃ: ପ୍ରଦତ ୦୧ ଜାନୁୟାରୀ ୨୦୧୬)*

*ତାଲିବେ ଦୁଆ: Sharafat Khan & Family, Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

*ତାଲିବେ ଦୁଆ: Muhmmad Naimul Haque & Family, Jamat Ahmadiyya, Pankal (Odisha)*

ସର୍ତାବଳୀରେ ସନ୍ଧି ହୋଇଥିଲା ଏବଂ ଏଥିଅନ୍ତେ ହଜୁର ସ.ଅ ମଦିନା ଫେରିଆସିଥିଲେ । ତେବେ ଅମାନ୍ୟକାରୀମାନେ ଉସେରା ସ୍ଥାନରେ ଜମା ହେବାର ଖବର ଶୁଣି ହଜୁର ସେଠାକୁ ସେମାନଙ୍କ ମୁକାବିଲାରେ ବାହାରି ଯାଇଥିଲେ । ତେବେ ସେ ଜାହା ହେଉ ଯୁଦ୍ଧ ତ ହେଲା ନାହିଁ କିନ୍ତୁ ଏହି ଯାତ୍ରା ଫଳରେ ଗୋଟିଏ କବିଲା ସହିତ ମୁସଲମାନମାନଙ୍କର ସନ୍ଧି ସ୍ଥାପନ ହୋଇଗଲା । *(ସିରତ୍ ଖାତମୁନ ନବୀଇନ୍ ହଜରତ ମିର୍ଜ ବଶିର ଅହମଦ ସାହେବ ଏମ.ଏ ପୃ ୩୨୯)*

ଗଜୱ୍ୱା ଓ ସରିୟା ସମ୍ବନ୍ଧରେ ସ୍ପଷ୍ଟ କରିଦିଏ କାରଣ ଅନେକ ଲୋକଙ୍କୁ ଜଣା ନଥାଏ ଯେ ଗଜୱ୍ୱା ଓ ସରିୟା ମଧ୍ୟରେ ପ୍ରଭେଦ କଣ ? ଯେଉଁ ଅଭିଯାନରେ ହଜୁର ସ.ଅ ସାମିଲ ହେଉଥିଲେ ତାହାକୁ ଗଜୱ୍ୱା କୁହନ୍ତି ଓ ଯେଉଁଥିରେ ହଜୁର ସ.ଅ ସାମିଲ ହୋଇନଥିଲେ ତାହାକୁ ସରିୟା କୁହାଯାଏ । ଗଜୱ୍ୱା ଓ ସରିୟା ମଧ୍ୟରେ ଆଉ ଏକ ପ୍ରଭେଦ ଏହା ରହିଛି କି ଏଥିପାଇଁ ଖଣ୍ଡା ସାଥିରେ ନେଇଯିବା ଅନିବାର୍ଯ୍ୟ ନୁହେଁ ବରଂ ଏଭଳି ପ୍ରତ୍ୟେକ ଅଭିଯାନ ଯେଉଁଥିରେ ହଜୁର ସ.ଅ ଯୁଦ୍ଧ କରିବା ଉଦ୍ଦେଶ୍ୟରେ ସାମିଲ ହୋଇଛନ୍ତି ତାହା ଗଜୱ୍ୱା ଅଟେ । ଅବା ଯୁଦ୍ଧ କରିବା ଉଦ୍ଦେଶ୍ୟରେ ବାହାରି ନଥିଲେ କିନ୍ତୁ ପରବର୍ତୀ ସମୟରେ ଯୁଦ୍ଧ କରିବା ପାଇଁ ବାଧ କରାଗଲା । ଏହିପରି ସରିୟା ଅଟେ । ଅତଃ ପ୍ରତ୍ୟେକ ଗଜୱ୍ୱା ଓ ସରିୟା ଯୁଦ୍ଧ କରିବା ଉଦ୍ଦେଶ୍ୟରେ ନୁହେଁ । ଯେପରିକି ଉପରେ ଆଲୋଚନା କରିଆସିଲି କି ଉସେରା ଯୁଦ୍ଧ ମଧ ଯୁଦ୍ଧ କରିବା ଉଦ୍ଦେଶ୍ୟରେ ହଜୁର ସ.ଅ ବାହାରି ନଥିଲେ । *(ସିରତ୍ ଖାତମୁନ ନବୀଇନ୍ ହଜରତ ମିର୍ଜ ବଶିର ଅହମଦ ସାହେବ ଏମ.ଏ ପୃ ୩୨୭)*

ହଜୁର ଅନୱ୍ୱର ଅ.ବ କହିଲେ- ବଦର ଠାରୁ ପ୍ରସ୍ଥାନ କରିବା ପରେ ଯେବେ ବଦର ଯୁଦ୍ଧ ଶେଷ ହୋଇଗଲା । ହଜରତ ମୁହମ୍ମଦ ସ.ଅ ହଜରତ ଜୈଦ ବିନ୍ ହାରସାଙ୍କୁ ମଦିନା ଆଭିମୁଖେ ପଠାଇଲେ । ଯଦ୍ୱାରା ସେ ଆଗେଆଗେ ଯାଇ ମଦିନାବାସୀଙ୍କୁ ଏହି ବିଜୟର ସୁସମ୍ବାଦ ପହଂଚାଇ ଦେବେ । ସୁତରାଂ ସେ ମହାଭାଗଙ୍କ ଆଗମନ ପୂର୍ବରୁ ପହଂଚି ମଦିନାବାସୀଙ୍କୁ ବିଜୟ ଖବର ଶୁଣାଇଲେ । ଯାହା ଫଳରେ ମଦିନାର ଅନୁଚରମାନଙ୍କ ମଧ୍ୟରେ ଯଦିବା ଏକପକ୍ଷେ ଇସଲାମର ମହତ୍ୱପୂର୍ଣ୍ଣ ବିଜୟ ଦୃଷ୍ଟିରୁ ମହାଆନନ୍ଦ ଓ ଉଲ୍ଲାସର ଛାୟା ଖେଳିଗଲା ତ ଅନ୍ୟପକ୍ଷେ ସେମାନଙ୍କ ମନରେ ଏହି ଅବଶୋଷ ମଧ ରହିଗଲା ଯେ ସେହି ମହତ୍ୱପୂର୍ଣ୍ଣ ଜେହାଦର ପୁଣ୍ୟ ଫଳରୁ ସେ ବଂଚିତ ରହିଗଲେ । ଏବଂ ଏହି ସୁସମ୍ବନ୍ଦ ସେପରି ଏକ ଶୋକକୁ ଭୁଲ ପ୍ରମାଣିତ କରିଦେଲା, ଯାହା ଜୈଦ ବିନ୍ ହାରସାଙ୍କ ଆଗମନ ଦ୍ୱାରା କିଛିକ୍ଷଣ ପାଇଁ ମଦିନାର ମୁସଲମାନଙ୍କୁ ସାଧାରଣ ରୂପେ ତଥା ହଜରତ ଉସମାନଙ୍କୁ ବିଶେଷ ରୂପେ ହଜରତ ମୁହମ୍ମଦ ସ.ଅଙ୍କ କନ୍ୟା ହଜରତ ରୁକେୟାଙ୍କ ମୃତ୍ୟୁ ହେବା ଫଳରେ ପହଂଚି ଥିଲା । ସେହି କନ୍ୟାଙ୍କୁ ହଜରତ ମୁହମ୍ମଦ ସ.ଅ ରୋଗଗ୍ରସ୍ତ ଅବସ୍ଥାରେ ନିଜ ପଛରେ ଛାଡ଼ି ଦେଇ ବଦର ଯୁଦ୍ଧର ଅଭିଯାନରେ ଚାଲି ଯାଇଥିଲେ ଓ ଯେଉଁଥି ପାଇଁ ହଜରତ ଉସମାନ ମଧ ସେହି ଯୁଦ୍ଧରେ ସାମିଲ ହୋଇପାରିଲେ ନାହିଁ ।

*(ସିରତ୍ ଖାତମୁନ ନବୀଇନ୍ ହଜରତ ମିର୍ଜ ବଶିର ଅହମଦ ସାହେବ ଏମ.ଏ ପୃ ୩୬୭)*

ହଜରତ ଜୈଦ ବିନ୍ ହାରସାଙ୍କୁ ଏକ ସେନା ଦଳର ମୁଖ୍ୟ ରୂପେ ୩ହିଜରୀ ଜମାଦି ଅୱ୍ୱଲ୍ ମାସର ଶେଷ ପର୍ଯ୍ୟାୟରେ କରଦା ନାମକ ସ୍ଥାନ ଅଭିମୁଖେ ପଠାଯାଇଥିଲା । ଏହି ଘଟଣାକୁ ବର୍ଣ୍ଣନା କରି ହଜରତ ମିର୍ଜା ବଶିର ଅହମଦ ସାହେବ ଲେଖିଛନ୍ତି- ବନୁ ସଲିମ ଓ ବନୁ ଗତଫାନ୍‌ର ଆକ୍ରମଣରୁ ଯେବେ କିଛି ଫୁରସତ୍ ମିଳିଲା, ମୁସଲମାନମାନଙ୍କୁ ଆଉ ଏକ ବିପଦ କାରଣରୁ ନିଜ ଜନ୍ମ ଭୁମିରୁ ବାହାରିବାକୁ ପଡ଼ିଲା । ସୁତରାଂ ଜମାଦି ଅୱ୍ୱଲ ଆଖିର ମାସରେ ହଜରତ ମୁହମ୍ମଦ ସ.ଅଙ୍କୁ ଏକ ସୂଚନା ମିଳିଲା ଯେ ମକ୍କାର କୁରୈଶର ଏକ ବ୍ୟବସାୟୀ ଦଳ ନଜଦି ରାସ୍ତା ଦେଇ ଅତିକ୍ରମ କରିବାର ଅଛି । ସେହି ରାସ୍ତାରେ କୁରୈଶଙ୍କ କିଛି ବନ୍ଧୁ ବସବାସ କରୁଥିଲେ । ଯେଉଁମାନେ କୁରୈଶମାନଙ୍କ ପରି ମୁସଲମାନମାନଙ୍କ ରକ୍ତପିପାସୁ ଥିଲେ । ସେମାନଙ୍କ ସହିତ ମିଳିତ ହୋଇ କୁରୈଶମାନେ ମଦିନାରେ ଛାପାମାରିବା ଅତି ସହଜ ସାଧ ଥିଲା । କୁରୈଶଙ୍କୁ ଦୁର୍ବଳ କରିବା ତଥା ତାଙ୍କୁ ସନ୍ଧି ଆଡ଼କୁ ଡ଼ାକିବା ମଧ ଜରୁରୀ ଥିଲା । ଯଦ୍ୱାରା ସେହି ରାସ୍ତା ଉପରେ ସେମାନଙ୍କ ଦଳକୁ ପ୍ରତିରୋଧ କରାଯାଇ ପାରିବ । ସେଥିପାଇଁ ହଜରତ ମୁହମ୍ମଦ ସ.ଅ ଏହି ସମ୍ବାଦ ପାଇବା କ୍ଷଣି ନିଜର ଦାସତ୍ୱରୁ ମୁକ୍ତ ଜୈଦ ବିନ୍ ହାରସାଙ୍କୁ ସେନାପତି କରି ନିଜର ଅନୁଚରଙ୍କର ଏକ ଦଳକୁ ପଠାଇଦେଲେ ।

କୁରୈଶର ଏହି ବ୍ୟବସାୟୀ ଗୋଷ୍ଠୀ ମଧ୍ୟରେ ଅବୁସୁଫୟାନ ବିନ୍ ହରବ୍ ଓ ସଫୱ୍ୱନ୍ ବିନ୍ ଉମୟା ପରି ବଡ଼ ବଡ଼ ସରଦାର ମଧ ଥିଲେ । ଏପରି ସ୍ଥଳେ ଜୈଦ ଅତ୍ୟନ୍ତ ଫୁର୍ତି ଓ ସର୍ତକତା ଅବଲମ୍ବନ କରି ନିଜର କର୍ତବ୍ୟ ସମ୍ପାଦନ କଲେ ଏବଂ ନଜଦ୍ ଅନ୍ତର୍ଗତ କରଦା ଠାରେ ସେହି ଇସଲାମର ଶତ୍ରୁମାନଙ୍କୁ ଯାଇ ଧରି ପକାଇଲେ । ଏପରି ଅର୍ତକିତ ଆକ୍ରମଣ ଫଳରେ କୁରୈଶର ଲୋକମାନଙ୍କ ଦଳର ଯାହା କିଛି ଧନସମ୍ପତି ଥିଲା, ସେସବୁ ଛାଡ଼ି ଦେଇ ସେମାନେ ପଳାୟନ କଲେ । ଜୈଦ ବିନ୍ ହାରସା ଓ ତାଙ୍କ ସାଥି ଏକ ବିପୁଳ ପରିମାଣର ଧନ ହାସଲ କରି ମଦିନା ଅଭିମୁଖେ ମହାନ ସଫଳତାର ସହିତ ଯାତ୍ରା କଲେ । କେତେକ ଐତିହାସିକଗଣ ଲେଖିଛନ୍ତି କୁରୈଶର ଏହି ଦଳର ମୁଖିଆ ଫରାତ ନାମି ବ୍ୟକ୍ତି ଥିଲା, ଯେ ମୁସଲମାନମାନଙ୍କ ଦ୍ୱାରା କଏଦ ହେଲା । ଏବଂ ସେ ମୁସଲମାନ ହୋଇଯିବା ହେତୁ ତାଙ୍କୁ ସ୍ୱାଧୀନ କରିଦିଆଗଲା କିନ୍ତୁ ଆଉ କେତେକ ବର୍ଣ୍ଣନା ଅନୁଯାୟୀ ସେ ମୁସଲମାନମାନଙ୍କ ଗତିବିଧି ଲକ୍ଷ କରିବା ନିମନ୍ତେ ଏକ ଗୁପ୍ତଚର ହୋଇ ଆସିଥିଲା କିନ୍ତୁ ପରବର୍ତୀ ସମୟରେ ମୁସଲମାନ ହୋଇ ମଦିନା ପ୍ରବାସ କରି ଆସିଗଲା ।

(ସିରତ୍ ଖାତମୁନ ନବୀଇନ୍ ହଜରତ ମିର୍ଜ ବଶିର ଅହମଦ ସାହେବ ଏମ.ଏ ପୃ ୩୬୫-୩୬୬)

ହଜରତ ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ ହଜରତ ଜୈଦ ବିନ୍ ହାରସା ଏକ ସରିୟାରୁ ମଦିନା ପତ୍ୟାବର୍ତନ କଲେ । ସେତେବେଳେ ହଜୁର ସ.ଅ ମୋ ଘରେ ଥିଲେ । ହଜରତ ଜୈଦ ଆସି ଆମ କବାଟ ବାଡ଼େଇଲେ । ହଜୁର ସ.ଅ ତାଙ୍କ ସ୍ୱାଗତରେ ପାଛୋଟି ନେଇ କାନ୍ଧମିଳାଇଲେ ଏବଂ ତାଙ୍କୁ ଚୁମ୍ବନ କଲେ ।

(ସନନ ତିରମିଜି ହଦିସ ନଂ ୧୭୩୨)

ସାଅବାନ୍ ମାସ ୫ହିଜରୀରେ ଯେତେବେଳେ ହଜୁର ସ.ଅ ବନୁ ମୁସତଲକ ଅଭିମୁଖେ ବାହାରିବା ନିମନ୍ତେ ସାହାବାମାନଙ୍କୁ ଆଦେଶ ଦେଲେ ସେତେବେଳେ କେତେକ ବର୍ଣ୍ଣନା ଅନୁଯାୟୀ ହଜୁର ସ.ଅ ହଜରତ ଜୈଦ ବିନ୍ ହାରସାଙ୍କୁ ମଦିନାର ଅମିର ମୁତୟନ କରିଯାଇଥିଲେ । (ସିରତ୍ ଖାତମୁନ ନବୀଇନ୍ ହଜରତ ମିର୍ଜ ବଶିର ଅହମଦ ସାହେବ ଏମ.ଏ ପୃ ୫୫୮)

ଖନ୍ଦକ ଯୁଦ୍ଧଦିନ ମୁହାଜରିନ୍‌ଙ୍କ ଧ୍ୱଜା ମଧ ହଜରତ ଜୈଦଙ୍କ ନିକଟରେ ଥିଲା । (ତବକାତୁଲ୍ କୁବରା ଭାଗ ୨ ପୃ ୫୧)

ହଜୁର ଅନୱ୍ୱର ଅ.ବ କହିଲେ ଏବେ ମୁଁ ଏକ ମର୍ମନ୍ତୁଦ ଘଟଣା ସମ୍ବନ୍ଧରେ ବର୍ଣ୍ଣନା କରିବି । ମୁବାରକ ଅହମଦ ଶିଦ୍ଦିକିଙ୍କ କନ୍ୟା ଶ୍ରୀମତି ମରିୟମ୍ ସଲମାନ ଗୁଲ ଚଳିତ ଜୁନ ମାସ ୧୭ତାରିଖ ଦିନ ୨୫ବର୍ଷ ବୟସରେ ଦେହ ତ୍ୟାଗ କରିଛନ୍ତି । **ଇନ୍ନା ଲିଲ୍ଲାହି ୱ୍ୱଇନ୍ନା ଇଲୈହି ରାଜେଉନ୍** । କିଛି ଦିନ ପୂର୍ବରୁ ତାଙ୍କ ରୋଗର ଖବର ମିଳିଥିଲା । ଚିକିସ୍ୱାଳୟରେ ଚିକିସ୍ୱା ମଧ ଚାଲିଥିଲା କିନ୍ତୁ ଶେଷରେ କପାଳ ଲେଖା ଆଗରେ ହାରିଯାଇ ସେ ଦେହ ତ୍ୟାଗ କଲେ । ଶ୍ରୀମତିଙ୍କ ସମ୍ବନ୍ଧରେ ତାଙ୍କ ସଂସ୍ପର୍ଶରେ ଥିବା ବନ୍ଧୁ ପରିଜନ କୁହନ୍ତି ସେ ଅତ୍ୟନ୍ତ ମେଳାପି ଓ ଉତମ ଚରିତ୍ରର କନ୍ୟା ଥିଲେ । ନିୟମିତ ଭାବରେ ନମାଜ ପାଠ କରିବା ଓ ଅତି ସେବାକାରୀ ମହିଳା ଥିଲେ । ଖିଲାଫତ୍ ସହ ଅଶେଷ ପ୍ରେମ ଓ ନିବିଡ଼ତାର ସମ୍ପର୍କ ଥିଲା । ସେ ନିଜ ପଛରେ ନିଜ ପିତାମାତା ଓ ସ୍ୱାମୀଙ୍କ ବ୍ୟତୀତ ଦୁଇଟି କନ୍ୟା ନାୟାବ (୫ବର୍ଷ) ଓ ଯରୟାବ (ଦେଢ ବର୍ଷର) ସନ୍ତାନ ଛାଡ଼ି ଯାଇଛନ୍ତି । ମରିୟମ ସଲମାନ ସାହେବାଙ୍କ ମାତା ଶ୍ରୀମତି ଗୁଲ ମୁବାରକ ସାହିବା କୁହନ୍ତି ଗତ ଛ'ସପ୍ତାହ ମଧ୍ୟରେ ଆମେ ତିନୋଟି ହୃଦୟ ବିଦାରକ କଷ୍ଟର ସମ୍ମୁଖୀନ ହୋଇଅଛୁ । ପ୍ରଥମେ ଗୁଲ ମୁବାରକ ସାହେବାଙ୍କ ଭ୍ରାତାଙ୍କର ଦେହାନ୍ତ ଘଟିଲା ତା'ପରେ ତାଙ୍କ ଭଗିନୀଙ୍କର କାଳ ହେଲା ଏବଂ ବର୍ତମାନ ପୁତ୍ରି । ଅଲ୍ଲାଃତାଲା ତାଙ୍କୁ ଧୈର୍ଯ୍ୟ ଓ ସହନଶୀଳ ଶକ୍ତି ପ୍ରଦାନ କରନ୍ତୁ । ମରିୟମ ସଲମାନ ସାହେବା ନିଜ ଜମାଅତ ଏବସମର ସେକ୍ରେଟାରୀ ନୌମୁବାୟା ଥିଲେ । ଅତ୍ୟନ୍ତ ମେଳାପି, ଉତମ ଚରିତ୍ର ଓ ଅଭାବି ଲୋକମାନଙ୍କ ଆବଶ୍ୟକତା ପୂରଣକାରୀ ମହିଳା ଥିଲେ । ତାଙ୍କ ହଲକାର ସଦର ଲଜନା କୁହନ୍ତି- ସେ ନିଜ ବିଭାଗର କର୍ତବ୍ୟ ବେଶ୍ ସୁନ୍ଦର ଭାବରେ ସମ୍ପାଦନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ଛାଡ଼ି ଯାଇଛନ୍ତି । ନୂତନ ଅହମଦି ମହିଳାମାନଙ୍କ ସହ ଏଭଳି ସ୍ନେହ ଓ ପ୍ରେମର ସହ ଆଚରଣ କରୁଥିଲେ କି ସେମାନେ ଆପଣାଛାଏଁ ଜମାଅତର ବ୍ୟବସ୍ଥାକୁ ଭଲପାଉ ଥିଲେ । ଜଣେ ନୂତନ ଅହମଦି ଅନ୍ଦଲିବ ସାହେବା କୁହନ୍ତି ମୋ ମତରେ ପ୍ରତ୍ୟେକ ସେକ୍ରେଟାରୀ ନୌମୋବାୟାଙ୍କୁ ମରିୟମଙ୍କ ପରି ହେବା ଉଚିତ୍ କାରଣ ମୋର ମନେଅଛି ତାଙ୍କ ସହ ଯେତେବେଳେ ମୋର ପ୍ରଥମ ଦେଖା ହୋଇଥିଲା ସେତେବେଳେ ସେ ଏଭଳି ପ୍ରେମର ସହ ମୋତେ ଆଲିଙ୍ଗନ କଲେ ଯେ ମୋର ମନେହେଲା ଯେପରି ମୋତେ ଜଣେ ଆତି ସ୍ନେହ ଆଦରକାରୀ ଭଗିନୀ ମିଳିଯାଇଛି । ମୋ ଘରକୁ ଆସିବା ସମୟରେ ମୋ ପିଲାମାନଙ୍କ ପାଇଁ ଛୋଟ ଛୋଟ ଉପହାର ନେଇ ଆସନ୍ତି । ଫୋନ୍ ମାଧ୍ୟମରେ ଓ ସାକ୍ଷାତ କରି ସର୍ବଦା ମୋତେ ନିଜ ସଂସ୍ପର୍ଶରେ ରଖୁଥିଲେ । ବନ୍ଧୁ ଓ ଲୋକମାନଙ୍କ ସହ ବାର୍ତାଳାପ ବେଳେ ଅଧିକାଂଶ ସମୟରେ ଖିଲାଫତ୍‌ର ଆଶିଷ ଓ ଜମାଅତର ବ୍ୟବସ୍ଥା ସମ୍ବନ୍ଧରେ ଆଲୋଚନା କରନ୍ତି ଏବଂ ନୂତନ ଅହମଦିଙ୍କର ସର୍ବୋତମ ବନ୍ଧୁ ପାଲଟି ଯାଉଥିଲେ । ସେମାନଙ୍କର ସାହାଯ୍ୟ କରିବା ଯେଉଁଥିରେ ଜମାଅତର କାର୍ଯ୍ୟକ୍ରମରେ ଭାଗ ନେବା ପ୍ରତି ସେମାନଙ୍କୁ ଉତ୍ସାହିତ କରିବା ଆଦି ସାମିଲ ରହିଛି । ଏହି ନୂତନ ଅହମଦି ଜଣକ କୁହନ୍ତି ତାଙ୍କର ମୋତେ ଏଭଳି ଶିକ୍ଷାଦିକ୍ଷା ପ୍ରଦାନ କରିବା ଫଳସ୍ୱରୂପ ବର୍ତମାନ ମୁଁ ଏହି

**ଅଲ୍ଲା ତାଲାଙ୍କ ବାଣୀ**

''ମା ଲକୁମ୍ ମିନ୍ ଦୁନିଲ୍ଲାହି ମିଉଁ ୱ୍ୱଲିଇଉଁ ୱ୍ୱଲା ନସିର୍ ଅର୍ଥାତ୍; ଅଲ୍ଲାଃଙ୍କ ବ୍ୟତୀତ ତୁମମାନଙ୍କର କୌଣସି ମିତ୍ର ବା ସାହାଯ୍ୟକାରୀ ନାହାନ୍ତି''

*(ସୁରଃ ବକ୍‌ରାଃ: ୧୦୮)*

**ତାଲିବେ ଦୁଆ:** *Farzan Ali Khan & Family,*
*Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।''

*(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

**ତାଲିବେ ଦୁଆ:** *Abdul Chand & Family,*
*Jamat Ahmadiyya, Kerang (Odisha)*

ହଲକା (ସାହି)ର ଜେନେରାଲ୍ ସେକ୍ରେଟାରୀ ହୋଇଯାଇଛି । ସେ ନିଜର ମାମୁଲି ଖର୍ଚ୍ଚରୁ ମଧ୍ୟ କିଛି କିଛି ସଂଚିତ କରି ଲୋକମାନଙ୍କ ସେବା କରନ୍ତି ।

ଶ୍ରୀମତି ମରିୟମଙ୍କ ପିତା ଲେଖିଛନ୍ତି ସେ ବେଶ୍ ନିୟମିତ ଭାବରେ ଖୁତବା ଶୁଣୁଥିଲେ । ପ୍ରତ୍ୟେକ କାର୍ଯ୍ୟରେ ସଂସାର ତୁଳନାରେ ଧର୍ମକୁ ପ୍ରାଥମିକତା ଦେଉଥିଲେ । ତାଙ୍କର ଦେହାନ୍ତ ପୂର୍ବରୁ ମଜଲିସ୍ ଶୁରାର ବୈଠକ ଥିଲା ସେତେବେଳେ ମରିୟମ ICUରେ ଥିଲେ । ମୁଁ ତାଙ୍କୁ କହିଲି ଏଠାରେ ମୋର ଆବଶ୍ୟକତା ରହିଛି ତେଣୁ ମୁଁ ଶୁରାରେ ଅନୁପସ୍ଥିତ ରହିବାର ଅନୁମତି ନେଇ ନେଉଛି । କିନ୍ତୁ ସେ କହିଲେ ନା ନା ଆପଣ ମୋର ଚିନ୍ତା କରନ୍ତୁ ନାହିଁ । **ମୋ ଯୋଗୁଁ ଜମାଅତର କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବାରେ କଦାପି ଅନୁପସ୍ଥିତ ରୁହନ୍ତୁ ନାହିଁ । ଶୁରାରେ ସାମିଲ ହୁଅନ୍ତୁ କାରଣ ହଜରତ ମସିହ ମଉଦ ଅ.ସଙ୍କ ସହ ଆମେ ଏହି ପ୍ରତିଜ୍ଞା କରିଛେ ଯେ ଆମେ ସଂସାର ଅପେକ୍ଷା ଧର୍ମକୁ ପ୍ରାଥମିକତା ଦେବା** । ସେ ଲଣ୍ଡନର ସିନେଟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ, ସେଠାରେ ତାଙ୍କ ନର୍ସ କୁହନ୍ତି ମରିୟମ୍ ସହ କଥାବାର୍ତ୍ତା କରି ମୋତେ ଏପରି ଅନୁଭବ ହେଲା ଯେପରି ମୁଁ କୌଣସି ଦେବଦୂତ ସହ ସାକ୍ଷାତ କରିଅଛି ସର୍ବଦା ସଲାମ କରିବା, ଅନ୍ୟର ଭଲମନ୍ଦ କଥା ପଚାରି ବୁଝିବାରେ ପ୍ରଥମ ଥିଲେ । ସର୍ବଦା ଅନ୍ୟମାନଙ୍କ ମଧ୍ୟରେ ଭଲ ଗୁଣକୁ ସନ୍ଧାନ କରିବା ପ୍ରୟାସରେ ରହୁଥିଲେ ତା'ପରେ ତାଙ୍କର ସେହି ଉତମ ଗୁଣକୁ ଆପ୍ରିସିୟେଟ୍ କରୁଥିଲେ । ସର୍ବଦା ତାଙ୍କ ମୁଖରେ ଆନନ୍ଦର ମଧୁରସ ଝରୁଥିଲା । ଅଲ୍ଲାଃତାଲାଙ୍କ ଉପରେ ତାଙ୍କର ଅଟଳ ଆସ୍ଥା ଓ ବିଶ୍ୱାସ ରହିଥିଲା । ଅଲ୍ଲାଃଙ୍କ ପୁରସ୍କାରର ସର୍ବଦା କୃତଜ୍ଞତା ଜ୍ଞାପନ କରୁଥିଲେ । ଅଲ୍ଲାଃତାଲା ତାଙ୍କ ସହ ଦୟା ଓ କ୍ଷମା ଆଚରଣ କରନ୍ତୁ । ଯେପରି ସେ ନିଜ ଈଶ୍ୱରଙ୍କ ଠାରୁ ଆଶା ବାନ୍ଧିଥିଲେ ଅଲ୍ଲାଃତାଲା ତାଙ୍କ ସହ ତାଠାରୁ ବଳି ନିଜ ପ୍ରେମର ଆଚରଣ କରନ୍ତୁ ଏବଂ ନିଜ ପ୍ରିୟଜନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ କରାନ୍ତୁ । ବୈକୁଣ୍ଠରେ ତାଙ୍କର ସ୍ତର ବୃଦ୍ଧି କରାନ୍ତୁ । ତଥା ତାଙ୍କ ସନ୍ତାନମାନଙ୍କର ମଧ୍ୟ ସ୍ୱୟଂ ସୁରକ୍ଷା ପ୍ରଦାନ କରିବା ସହିତ ନିଜ ଶରଣରେ ରଖନ୍ତୁ ଏବଂ ତାଙ୍କର ନିଜ ସନ୍ତାନମାନଙ୍କ ପକ୍ଷେ କରିଥିବା ସମସ୍ତ ଦୁଆ ସ୍ୱୀକାର କରନ୍ତୁ । ତାଙ୍କର ପିତାମାତାଙ୍କୁ ମଧ୍ୟ ଧୈର୍ଯ୍ୟ ଓ ସହନଶୀଳ ଶକ୍ତି ପ୍ରଦାନ କରନ୍ତୁ । ସେମାନେ ମଧ୍ୟ ଅଲ୍ଲାଃଙ୍କ ବିଧାନକୁ ସ୍ୱୀକାର କରି ତାଙ୍କ ନିଷ୍ପତିରେ ରାଜି ରହି ତାଙ୍କ ପିଲାମାନଙ୍କର ଉତମ ରୂପେ ଲାଳନପାଳନ କରନ୍ତୁ । ତାଙ୍କ ସ୍ୱାମୀ ମଧ୍ୟ ନିଜ ପିଲାମାନଙ୍କୁ ଉଭୟ ପିତାମାତାର ସ୍ନେହ ଓ ଆଦର ପ୍ରଦାନକାରୀ ସାବ୍ୟସ୍ତ ହୁଅନ୍ତୁ । ଅଲ୍ଲାଃତାଲା ବୈକୁଣ୍ଠରେ ତାଙ୍କର ସ୍ତର ବୃଦ୍ଧି କରାନ୍ତୁ ।

ବର୍ତମାନ ଜୁମା ନମାଜ ପରେ ଇନ୍‌ଶା ଅଲ୍ଲାଃ ମୃତକଙ୍କର ଜନାଯାଃ ପାଠ କରାଇବି । ଆପଣମାନେ ସମସ୍ତେ ମୋ ସହିତ ସାମିଲ ହୋଇଯିବେ । ମୁଁ ବାହରକୁ ଯାଇ ଜନାଯାଃ ପାଠ କରାଇବି କିନ୍ତୁ ଆପଣମାନେ ଏହିଠାରେ ନିଜ ନିଜ ସ୍ଥାନରେ ଜନାଯାଃରେ ସାମିଲ ହୋଇଯିବେ ।

⌘⌘⌘⌘⌘⌘⌘⌘⌘⌘

## ବାପା ମା'ଙ୍କ ନିମନ୍ତେ ସନ୍ତାନମାନଙ୍କ କର୍ତବ୍ୟ

ୱ କଜା ରବ୍‌ବୁକା ଅଲ୍ଲାଃ ତାଆବୁଦୁ ଇଲ୍ଲା ଇୟାହୁ ୱବିଲ୍ ୱାଲିଦୈନେ ଇହ୍‌ସାନା । ଇମ୍ମା ୟବ୍‌ଲୁଗନ୍ନା ଇନ୍‌ଦକଲ୍ କିବର ଅହଦୁହୁମା ଅଓ କିଲାହୁମା ଫଲା ତକୁଲ୍‌ଲ୍ଲହୁମା ଉଫିଉଁ ୱଲା ତନ୍‌ହରହୁମା ୱକୁଲ୍‌ଲ୍ଲହୁମା କଓ୍ୱଲନ୍ କରିମା । ୱଖ୍‌ଫିଜ୍ ଲହୁମା ଯନାହଜ୍ ଜୁଲ୍ଲେ ମିନର୍‌ରହ୍‌ମତେ ୱକୁର୍ ରବ୍‌ବିର୍ ହମ୍‌ହୁମା କମା ରବ୍‌ବୟାନି ସଗିରା ।

**(ପବିତ୍ର କୋରାନ୍ ସୁରା ବନି ଇସ୍‌ରାଇଲ୍: ଆୟାତ:୨୪-୨୫)**

ଅର୍ଥାତ୍- ତୁମ୍ଭ ପାଳନକର୍ତା (ଏ ବିଷୟରେ) ଚେତାବନୀ ପୂର୍ବକ ଆଦେଶ ଦେଇଛନ୍ତି ଯେ ତୁମେମାନେ ତାହାଙ୍କ ବ୍ୟତୀତ କାହାରି ଉପାସନା କରନାହିଁ, ଏବଂ ପିତାମାତାଙ୍କ ସହିତ ଉତମ ବ୍ୟବହାର କର; ଯଦି ତୁମ ଜୀବିତ ଅବସ୍ଥାରେ ସେ ଦୁଇ ଜଣଙ୍କ ମଧ୍ୟରୁ ଜଣଙ୍କର ବା ଉଭୟଙ୍କର ବାର୍ଦ୍ଧକ୍ୟ ଆସିଯାଏ, ତେବେ ସେମାନଙ୍କ ପ୍ରତି (ସେମାନଙ୍କ କୌଣସି କଥାରେ ଅସନ୍ତୋଷ ପ୍ରକାଶ କରି) କୌଣସି କଟୁ ମନ୍ତବ୍ୟ ପ୍ରକାଶ କର ନାହିଁ କି ସେମାନଙ୍କୁ ଭର୍ତ୍ସନା କରନାହିଁ ଓ ସେମାନଙ୍କ ସହ (ସର୍ବଦା) କୋମଳ ବଚନରେ କଥାବାର୍ତା କର । ଏବଂ ଦୟାପରବଶ ହୋଇ ସେମାନଙ୍କ ସମ୍ମୁଖରେ ବିନୀତ ମନୋଭାବ ପୋଷଣ କର, ଏବଂ (ସେମାନଙ୍କ ପାଇଁ ପ୍ରାର୍ଥନା-ପୂର୍ବକ) କୁହ, ''ହେ ମୋର ପାଳନ କର୍ତା, ! ସେମାନଙ୍କ ପ୍ରତି କରୁଣା ପ୍ରଦାନ କର,କାରଣ ସେମାନେ ମୋର ଶୈଶବ ଅବସ୍ଥାରେ ଲାଳନ ପାଳନ କରିଥିଲେ'' ।

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

## ସାଲାନା ଇଜ୍‌ତିମା

**ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ, ଖୁଦାମୁଲ୍ ଅହେମଦୀୟା ଓ ଲଜ୍ନା ଇମାଇଲ୍ଲାଃ ଭାରତ-୨୦୧୯**

ଭାରତର ସମସ୍ତ ଅନ୍‌ସାର୍, ଖୁଦାମ୍ ଓ ଲଜ୍ନା ଇମାଇଲାଙ୍କୁ ଲିଖିତ ରୂପେ ଅବଗତ କରାଇଦିଆଯାଉଛି ଯେ ସୟଦ୍‌ନା ହଜୁର୍ ଅନୁୱର୍ ଅ:ବ:ଅ ସଦିଚ୍ଛା ସହିତ ମର୍କଜି ସାଲାନା ଇଜିତେମା ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ, ଖୁଦାମୁଲ୍ ଅହେମଦୀୟା ଓ ଲଜ୍ନା ଇମାଇଲ୍ଲାଃ ଭାରତ-୨୦୧୯ ନିମନ୍ତେ ତା ୧୮,୧୯,୨୦ ଅକ୍ଟୋବର (ଶୁକ୍ରବାର, ଶନିବାର, ରବିବାର) ର ମଞ୍ଜୁରି ପ୍ରଦାନ କରିଛନ୍ତି । ସମସ୍ତ ଜେଲି ତଞ୍ଜିମ୍ ର କର୍ମୀମାନଙ୍କୁ ଏବେଠାରୁ କାଦିୟାନ୍ ଦାରୁଲ୍ ଅମାନ୍‌ର ଆଧ୍ୟାତ୍ମିକ ପରିବେଶରେ ଅନୁଷ୍ଠିତ ହେବାକୁ ଥିବା ଏହି ମର୍କଜି ଇଜିତେମାଅତ୍‌ରେ ସାମିଲ୍ ହେବାପାଇଁ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ । ଏହି ଇଜ୍‌ତିମାଅତ୍ ତର୍‌ବିୟତ୍‌ର ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ଅଟେ । ଯଜାକ୍‌ମୁଲ୍ଲାଃ- (ଇଦାରାଃ)

## ଖୁଦାତାଲାଙ୍କ ନିକଟରେ ନିଜର ନିଷ୍ଠା ଓ ଭକ୍ତିଭାବକୁ ଦେଖାଅ । ପବିତ୍ର କୋରାନ୍‌ର ପ୍ରକୃତ ଉଦ୍ଦେଶ୍ୟକୁ ଜାଣ ଓ ତା ଉପରେ ପରିଚାଳିତ ହୁଅ ।

### ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ନିଜ ଜମାତ୍‌ଠାରୁ ଆଶାପୋଷଣ

ହଜ୍‌ରତ୍ ମସିହ୍ ମଉଦ୍ ଆଲୈହିସ୍ ସଲାମ୍ କହୁଛନ୍ତି:-

ମନେରଖ ଆମ ଜମାତ୍ ଏକଥା ପାଇଁ ନୁହେଁ ଯେପରି ସାଧାରଣ ସାଂସାରିକ (ବ୍ୟକ୍ତି) ଜୀବନ ବିତାଇଥାଏ । କେବଳ ମୁହଁରୁ କହିଥାଏ ଯେ ଆମେ ଏହି ସିଲ୍‌ସିଲାରେ ଦାଖିଲ୍ ଅଛୁ । ଏବଂ ଅମଲ (କାର୍ଯ୍ୟ)ର ଆବଶ୍ୟକତାକୁ ବୁଝୁନାହିଁ ଯେପରି ଦୁର୍ଭାଗ୍ୟ ବଶତଃ ମୁସଲ୍‌ମାନ୍ ମାନଙ୍କର ଏପରି ଅବସ୍ଥା ଯେ (ଯେବେ ତାଙ୍କୁ) ପଚାର କି ତୁମେ ମୁସଲ୍‌ମାନ୍ ଅଟ ? ସେତେବେଳେ ସେ କହିଥାନ୍ତି ଶୁକର୍ ଅଲ୍‌ହମ୍‌ଦୋଲିଲ୍ଲାଃ । କିନ୍ତୁ ନମାଜ ପଢ଼ନ୍ତି ନାହିଁ ଏବଂ ଅଲ୍ଲାଃଙ୍କ ଚିହ୍ନର ସମ୍ମାନ କରନ୍ତି ନାହିଁ ସୁତରାଂ ମୁଁ ତୁମଠାରୁ ଏହା ଚାହୁଁନାହିଁ ଯେ କେବଳ ମୁହଁଦ୍ୱାରା ମାନିନିଅ ଓ କାର୍ଯ୍ୟ କରି କିଛି ଦେଖାଅନାହିଁ । ଏହା ହେଉଛି ନିକମା ମାନଙ୍କ ଅବସ୍ଥା । ଖୁଦାତାଲା ଏହା ପସନ୍ଦ କରେନାହିଁ । ପୃଥିବୀର ଏପରି ଅବସ୍ଥା ଏହା ଚାହୁଁଥିଲା କି ଖୁଦାତାଲା ମୋତେ ଇସ୍‌ଲାହ୍ (ସଂସ୍କାର) ନିମନ୍ତେ ଛିଡା କଲା । ତେଣୁ ଏବେ ଯଦି କୌଣସି (ବ୍ୟକ୍ତି) ମୋ ସହିତ ସମ୍ପର୍କ ରଖି ମଧ୍ୟ ନିଜ ଅବସ୍ଥାରେ ସୁଧାର ଆଣୁନାହିଁ ଏବଂ କାର୍ଯ୍ୟଶକ୍ତିରେ ଉନ୍ନତି ଆଣୁନାହିଁ ବରଂ ମୁହଁଦ୍ୱାରା ମାନିଯିବାକୁ ହିଁ ଯଥେଷ୍ଟ ମଣୁଛି ସେ ଏପରି ଅଟେ ଯେପରି ନିଜର କାର୍ଯ୍ୟଦ୍ୱାରା ମୋ ଅନାବଶ୍ୟକତା ଉପରେ ଜୋର୍ ଦେଉଅଛି । ପୁଣି ତୁମେ ଯଦି ନିଜ କାର୍ଯ୍ୟଦ୍ୱାରା ପ୍ରମାଣ କରିବାକୁ ଚାହୁଁଛ ଯେ ମୋ ଆସିବା ନିରର୍ଥକ ତେବେ ପୁଣି (ଯଦି) ମୋ ସହିତ ସମ୍ପର୍କ ରଖିବାର ଅର୍ଥ କଣ ? ମୋ ସହିତ ସମ୍ପର୍କ ସୃଷ୍ଟି କରୁଛ ତେବେ ମୋର ଲକ୍ଷ ଓ ଉଦ୍ଦେଶ୍ୟକୁ ପୂରଣ କର ଓ ତାହା ହେଉଛି ଏହା ଯେ ଖୁଦାତାଲାଙ୍କ ନିକଟରେ ନିଜର ନିଷ୍ଠା ଓ ଭକ୍ତିକୁ ଦେଖାଅ ଏବଂ ପବିତ୍ର କୋରାନ୍‌ର ଶିକ୍ଷା ଉପରେ ସେହିପରି ପରିଚାଳିତ ହୁଅ ଯେଉଁପରି ରସୁଲୁଲ୍ଲାଃ ସ:ଆ:ସ କରି ଦେଖାଇଛନ୍ତି ଏବଂ ସାହାବାମାନେ ମଧ୍ୟ କରିଛନ୍ତି । ପବିତ୍ର କୋରାନ୍‌ର ପ୍ରକୃତ ଉଦ୍ଦେଶ୍ୟକୁ ଜାଣ ଏବଂ ତା ଉପରେ ପରିଚାଳିତ ହୁଅ । ଖୁଦାତାଲାଙ୍କ ନିକଟରେ ଏତିକି କଥା ଯଥେଷ୍ଟ ହୋଇପାରେନା ଯେ ମୁହଁରେ ମାନିନେବା ଓ କାର୍ଯ୍ୟରେ କୌଣସି ଆଲୋକ ଓ ଉତ୍ସୁକତା ନମିଳିବା । ମନେରଖ ଯେ ଯେଉଁ ଜମାତ୍‌କୁ ଖୁଦାତାଲା ପ୍ରତିଷ୍ଠା କରିବାକୁ ଚାହୁଁଛନ୍ତି ତାହା ବିନା କାର୍ଯ୍ୟରେ ଜୀବିତ ରହିପାରିବ ନାହିଁ । *(ମଲ୍‌ଫୁଜାତ୍, ଖଣ୍ଡ-୨, ପୃଷ୍ଠା-୨୨୨)*

(ନଜାରତ୍ ଇସ୍‌ଲାହ୍ ୱ ଇର୍‌ଶାଦ୍ ମର୍କଜିୟା କାଦିଆନ୍)

**ହଜୁର ଅନୱରଙ୍କ ଗୋଚରେ ଡ଼ାକ ଦ୍ୱାରା ଚିଠି ଲେଖୁଥିବା ଲୋକମାନଙ୍କ ପାଇଁ**

## ନୂଆ ଠିକଣା

ଯମାତ୍‌ର ସଦସ୍ୟମାନେ ଜାଣିଛନ୍ତି ଯେ, ସୟଦନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ବିଗତ କିଛି ସପ୍ତାହ ହେବ ମସ୍‌ଜିଦ୍ ଫଜଲ୍‌ରୁ ଆସି ନୂଆ ମର୍କଜ୍ ଇସାଲାମବାଦ ଟିଲ୍‌ଫୋର୍ଡ଼ଠାରେ ରହୁଛନ୍ତି, ଯେଉଁ ଲୋକମାନେ ସୟଦନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ସେବାରେ ପ୍ରାର୍ଥନା ମୁଳକ ଚିଠି ଡ଼ାକ ଦ୍ୱାରା ପଠାଉଛନ୍ତି ସେମାନେ ଏବେ ନିମ୍ନଲିଖିତ ନୂଆ ଠିକଣାରେ ଚିଠି ପଠାନ୍ତୁ ।

Islamabad, 2, Sheephatch Lane,
Tilford Surrey GU10 2AQ
United Kingdom

# : ଖୁତ୍‌ବା ଜୁମା :

**ଯଦି ଜଙ୍ଗଲର ହିଂସ୍ରଯନ୍ତୁ ମଦିନାରେ ପ୍ରବେଶ କରି ମୋତେ ଉଠେଇ ନେଇଯାନ୍ତି ତେବେ ମଧ୍ୟ ମୁଁ ସେହି କାର୍ଯ୍ୟ ସମ୍ପାଦନ କରିବାରୁ ନିବୃତ ରହିବି ନାହିଁ, ଯାହା କରିବା ପାଇଁ ହଜରତ ମୁହମ୍ମଦ ସ.ଅ ଆଦେଶ ଦେଇଛନ୍ତି ।**

**ଅଲ୍ଲାଃଙ୍କ ରାଣ ! ତାଙ୍କର ମଧ ଅମିର ହେବାର ଯୋଗ୍ୟତା ଥିଲା ଅର୍ଥାତ ହଜରତ ଜୈଦ୍ ବିନ୍ ହାରସା ର.ଅ ଏବଂ ତାଙ୍କ ଅନ୍ତେ ତାଙ୍କ ସୁପୁତ୍ର ମଧରେ ଅମିର ହେବାର ସମସ୍ତ ସୁଗୁଣ ଭରି ରହିଥିଲା ।**

**ହଜରତ ଜୈଦ ବିନ୍ ହାରସା ର.ଅ ସେହିମାନଙ୍କ ମଧ୍ୟରୁ ଜଣେ ଥିଲେ ଯେ ମୋତେ ସବୁଠାରୁ ଅଧିକ ପ୍ରିୟ ଥିଲେ ।**

**ହଜରତ ଉସାମାଙ୍କ ଉତମ ଗୁଣାବଳୀରୁ ଶିକ୍ଷା ହାସଲ କର କାରଣ ସେ ସେ ତୁମମାନଙ୍କ ମଧ୍ୟରୁ ସର୍ବୋତମ ବ୍ୟକ୍ତିବିଶେଷ ଥିଲେ ।**

**ହଜରତ ଜୈଦ ବିନ୍ ହାରସା ଓ ହଜରତ ଉସାମା ବିନ୍ ଜୈଦ ର.ଅଙ୍କ ପବିତ୍ର ଜୀବନୀର ମନମୁଗ୍ଧକର ଚର୍ଚ୍ଚା ।**

**ସମୟର ଖଲିଫାଙ୍କ ସହ ସାକ୍ଷାତ କରିବା ଓ ଶିକ୍ଷା ହାସଲ କରିବା ଆଗ୍ରହ ସହକାରେ ଆଫ୍ରିକାରୁ ପାକିସ୍ତାନ ପଦଯାତ୍ରା କରିଥିବା ମୁବଲିଗ୍ ଶ୍ରୀଯୁକ୍ତ ମୁହମ୍ମଦ ସିଦ୍ଦିକ୍ ଦୁମ୍ବିୟା ସାହେବ (ଆଇବ୍ରିକୋଷ୍ଟ) ଓ କର୍ମକ୍ଷେତ୍ରରେ ସଦେବ କାର୍ଯ୍ୟରତ ମୁବଲିଗ୍ ଶ୍ରୀଯୁକ୍ତ ଗୁଲାମ ମୁରତେଜା ସାହେବ (ବ୍ରୱ୍ୱିଣ୍ଡି)ଙ୍କର ପିତା ଶ୍ରୀମାନ ମିଆଁ ଗୁଲାମ ମୁସ୍ତଫା ସାହେବ ମେରିକ ଜିଲା ଗୁଜରାବାଲାଙ୍କର ଦେହାନ୍ତରେ ତାଙ୍କର ଉତମ ଚରିତ୍ର ଚର୍ଚ୍ଚା ଓ ନମାଜ ଜନାଯାଃ ଗାଏବ ପାଠ ।**

ଖୁଲାସା ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]
(ପ୍ରଦତ୍ତ: ୨୮ ଜୁନ୍ ୨୦୧୯ ଅନୁଯାୟୀ ୨୮ ଏହ୍‌ସାନ୍ ୧୩୯୮ ହିଜ୍‌ରି ଶମ୍‌ସି)

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ
أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيمِ - بِسْمِ اللّٰهِ الرَّحْمٰنِ الرَّحِيمِ -
اَلْحَمْدُ لِلّٰهِ رَبِّ الْعٰلَمِينَ - الرَّحْمٰنِ الرَّحِيمِ - مٰلِكِ يَوْمِ الدِّينِ - إِيَّاكَ نَعْبُدُ وَإِيَّاكَ نَسْتَعِينُ -
اِهْدِنَا الصِّرَاطَ الْمُسْتَقِيمَ - صِرَاطَ الَّذِينَ أَنْعَمْتَ عَلَيْهِمْ غَيْرِ الْمَغْضُوبِ عَلَيْهِمْ وَلَا الضَّالِّينَ -

ତଶହୁଦ୍, ତଉଜ ଓ ସୁରଃ ଫାତିହାର ଆବୃତି କରିବା ଅନ୍ତେ ହଜୁର ଅନଓ୍ୱର ଅ.ବ କହିଲେ- ହଜରତ ଜୈଦ ବିନ୍ ହାରସା ର.ଅଙ୍କର ଆଉ କିଛି ଅତିରିକ୍ତ ଘଟଣାବଳୀର ଚର୍ଚ୍ଚା ରହିଛି, ଯାହାକି ଆଜିର ଖୁତବାରେ ମୁଁ ଆଲୋଚନା କରିବି । ହଜରତ ମିର୍ଜା ବଶିର ଅହମଦ ସାହେବ ଉଲ୍ଲେଖ କରିଛନ୍ତି ୬ହିଜରୀ ରବିଉଲ୍ ଅଓ୍ୱଲ ମାସର ଅନ୍ତିମ ପର୍ଯ୍ୟାୟରେ ହଜରତ ମହମ୍ମଦ ସ.ଅ ହଜରତ ଜୈଦ ବିନ୍ ହାରସା ର.ଅଙ୍କ ନେତୃତ୍ୱରେ ମୁସଲମାନମାନଙ୍କ ଏକ ଦଳ ବନୁ ସଲିମ୍ ସମ୍ପ୍ରଦାୟ ଅଭିମୁଖେ ପ୍ରେରଣ କରିଥିଲେ । ସେହି ସମ୍ପ୍ରଦାୟ କେତେବେଳେ ନଜଦ୍ ଅଂଚଳ ଅନ୍ତର୍ଗତ ଜମୁମ୍ ନାମକ ସ୍ଥାନରେ ବସବାସ କରୁଥିଲେ ଏବଂ ଦୀର୍ଘ ଦିନଧରି ହଜୁର ସ.ଅଙ୍କ ବିରୁଦ୍ଧରେ ସଡ଼ଯନ୍ତ୍ର କରି ଆସୁଥିଲେ । ହଜରତ ଜୈଦ ବିନ୍ ହାରସା ର.ଅଙ୍କୁ ସେହି ଯୁଦ୍ଧରୁ ଫେରିବାକୁ ବେଶୀ ଦିନ ଅତିକ୍ରାନ୍ତ ହୋଇନଥିଲା କି ହଜୁର ସ.ଅ ଜମାଦି ଅଓ୍ୱଲ ଉଲାରେ ତାଙ୍କୁ ୧୦୦ଜଣ ଧନୁର୍ଧର ସାହାବାଙ୍କ ସହିତ ପୁର୍ନବାର ମଦିନାକୁ ପ୍ରେରଣ କରିଥିଲେ ଏବଂ ଏହି ଯୁଦ୍ଧର କାରଣ ସମ୍ପର୍କରେ **ଏହଲେ ସେର୍** ଏହା ଉଲ୍ଲେଖ କରନ୍ତି ଯେ, ଶିରିୟା ଦେଶରୁ ମକ୍କା ଅଭିମୁଖେ ଏକ ଯାତ୍ରୀ ଦଳ ଆସୁଥିଲେ ଏବଂ ତାହାକୁ ଅବରୋଧ କରିବା ପାଇଁ ହଜୁର ସ.ଅ ଏକ ସନ୍ୟ ଦଳ ପ୍ରେରଣ କରିଥିଲେ । ହଜୁର ଅନଓ୍ୱର ଅ.ବ କହିଲେ- ଏଠାରେ ମୁଁ ଏହା ସ୍ପଷ୍ଟ କରିଦେବାକୁ ଚାହେଁ ଯେ କୁରୈଶର ଯାତ୍ରୀ ସମୁହ ସର୍ବଦା ସଶସ୍ତ୍ର ରହୁଥିଲେ ଏବଂ ମକ୍କା ଓ ଶିରିୟା ମଧ୍ୟରେ ଯିବା ଆସିବା ସମୟରେ ସେମାନେ ସମ୍ପୂର୍ଣ୍ଣ ରୂପେ ମଦିନାର ନିକଟବର୍ତୀ ସ୍ଥାନକୁ ଅତିକ୍ରମ କରୁଥିଲେ । ଯଦ୍ୱାରା ସେମାନଙ୍କ ପକ୍ଷରୁ ସର୍ବଦା ବିପଦର ଆଶଙ୍କା ରହୁଥିଲା । ଏହା ବ୍ୟତୀତ ଉକ୍ତ ଯାତ୍ରୀ ସମୁହ ଯେଉଁ ଯେଉଁ ସ୍ଥାନରୁ ଯେତେବେଳେ ଅତିକ୍ରମ କରୁଥିଲେ ସେତେବେଳେ ସେମାନେ ଅରବବାସୀଙ୍କୁ ମୁସଲମାନମାନଙ୍କ ବିରୁଦ୍ଧରେ ଉସକାଉ ଥିଲେ । ଫଳସ୍ୱରୂପ ସମଗ୍ର ଦେଶରେ ମୁସଲମାନମାନଙ୍କ ବିରୁଦ୍ଧରେ ଶତ୍ରୁତାର ଏକ ଭୟାବହ ଅଗ୍ନି ପ୍ରଜ୍ୱଳିତ ହୋଇଯାଇଥିଲା । ଅତଃ ସେହି ଶତ୍ରୁମାନଙ୍କୁ ରୋକିବା ଅତ୍ୟନ୍ତ ଆବଶ୍ୟକ ହୋଇପଡ଼ିଥିଲା । ସେ ଯାହା ହେଉ ହଜୁର ସ.ଅ ସେହି ସମୁହର ସୂଚନା ପାଇ ହଜରତ ଜୈଦ ବିନ୍ ହାରସା ର.ଅଙ୍କୁ ସେମାନଙ୍କୁ ମୁକାବିଲା ନିମନ୍ତେ ପ୍ରେରଣ କରିଥିଲେ । ସେ ଚତୁରତାର ସହ ଘାତ ଲଗାଇ ଏଭଳି ଭାବରେ ଅଗ୍ରସର ହେଲେ ଯେ କାହାରିକୁ ତାଙ୍କର ଆଭାଷ ମଧ୍ୟ ହେଲା ନାହିଁ ଏବଂ ଇସ୍ ନାମକ ସ୍ଥାନରେ ସେହି ଶତ୍ରୁ ସମୁହ ସହିତ ମୁହାଁମୁହିଁ ହୋଇଥିଲେ । **ଇସ୍** ସ୍ଥାନଟି ମଦିନା ଠାରୁ ଚାରି ଦିନର ଦୂରତାରେ ସମୁଦ୍ର କୂଳରେ ଅବସ୍ଥିତ ଥିଲା । ଅତଃ ଏହି ଆକ୍ରମଣଟି ହଠାତ୍ ହୋଇଥିଲା, ଯଦ୍ୱରା ଉକ୍ତ ଯାତ୍ରୀ ସମୁହ ମୁସଲମାନମାନଙ୍କର ଶକ୍ତିଶାଳୀ ଆକ୍ରମଣକୁ ସହ୍ୟ କରିନପାରି ନିଜର ଜିନିଷପତ୍ର ଛାଡ଼ି ପଳାୟନ କରିଥିଲେ । ହଜରତ ଜୈଦ ବିନ୍ ହାରସା ର.ଅ କେତେକ କଏଦୀଙ୍କୁ ବନ୍ଦୀ କରିବା ସହ ସେମାନେ ଛାଡ଼ି ପଳାୟନ କରିଥିବା ଜିନିଷପତ୍ର ନିଜ ଆୟତାଧିନ କରି ମଦିନା ପତ୍ୟାବର୍ତନ କରିଥିଲେ ଏବଂ ହଜୁର ସ.ଅଙ୍କ ସେବାରେ ତାହା ଉପସ୍ଥାପନ କରିଥିଲେ ।

ସେହିପରି ଜମାଦି ଅଓ୍ୱଲ ମାସର ୬ତାରିଖରେ ହଜୁର ସ.ଅ ହଜରତ ଜୈଦ ବିନ୍ ହାରସା ର.ଅଙ୍କ ନେତୃତ୍ୱରେ ୧୫ଜଣ ସାହାବାଙ୍କ ଏକ ସୈନ୍ୟ ଦଳ ମକ୍କା ଅଭିମୁଖେ ପ୍ରେରଣ କରିଥିଲେ । ଯାହାକି ମଦିନା ଠାରୁ ୩୬ମାଇଲ୍ ଦୂରତାରେ ଅବସ୍ଥିତ ଥିଲା ଏବଂ ସେଠାରେ ସେତେବେଳେ ବନୁ ସାଅଲବା ସମ୍ପ୍ରଦାୟର ଲୋକମାନେ ବସବାସ କରୁଥିଲେ । କିନ୍ତୁ ହଜରତ ଜୈଦ ବିନ୍ ହାରସା ର.ଅଙ୍କ ସେଠାରେ ପହଂଚିବା ପୂର୍ବରୁ ସେମାନେ ଖବର ପାଇ ସେଠାରୁ ଏଣେତେଣେ ବିକ୍ଷିପ୍ତ ହୋଇଯାଇଥିଲେ । ସେତେବେଳେ ତାଙ୍କୁ ହିସ୍ମି ଆଡ଼କୁ ପ୍ରେରଣ କରାଯାଇଥିଲା । ହଜୁର ସ.ଅ ତାଙ୍କୁ ୫୦୦ ମୁସଲମାନମାନଙ୍କ ସହିତ ଉକ୍ତ ସ୍ଥାନ ଅଭିମୁଖେ ପ୍ରେରଣ କରିଥିଲେ । ଯାହାକି ମଦିନାର ଦକ୍ଷିଣ ଦିଗରେ ବନୁ ଯଜାମ ସମ୍ପ୍ରଦାୟର ବାସସ୍ଥଳୀ ଥିଲା । ସେହି ଯୁଦ୍ଧର ଏହି ଅଭିପ୍ରାୟ ଥିଲା କି ହଜୁର ସ.ଅଙ୍କର ଦହିୟା କଲବି ନାମକ ଜଣେ ସାହାବି ଥିଲେ । ସେ କୈସରେ ରୋମଙ୍କୁ ସାକ୍ଷାତ କରି ଶିରିୟା ଅଭିମୁଖେ ଆସୁଥିଲେ । ଯେତେବେଳେ ଉକ୍ତ ସାହାବି ଦହିୟା ବନୁ ଯଜାମ ଅଂଚଳ ଅତିକ୍ରମ କଲେ ସେତେବେଳେ ସେହି ସମ୍ପ୍ରଦାୟ ପ୍ରତିଷ୍ଠିତ ବ୍ୟକ୍ତି ଯାହାର ନାମ ହନିଦ୍ ବିନ୍ ଆରିଜ୍ ଅଟେ । ସେ ନିଜ ସମ୍ପ୍ରଦାୟରୁ ନିଜ ସହିତ ଏକ ସୈନ୍ୟ ଦଳ ନେଇ ଦହିୟା ଉପରେ ଆକ୍ରମଣ କରିଦେଲା ଏବଂ ସମସ୍ତ ଜିନିଷପତ୍ର ଲୁଣ୍ଠନ କରିନେଲା । ରୋମର ମହାମହିମ ଯାହାକିଛି (ପୁରୁସ୍କାର ସ୍ୱରୂପ) ଦହିୟାକୁ ପ୍ରଦାନ କରିଥିଲେ ତାହା ମଧ୍ୟ ଲୁଣ୍ଠନ କରି ନେଇଥିଲା । ଦହିୟା ର.ଅ ମଦିନା ଠାରେ ପହଂଚି ହଜୁର ସ.ଅଙ୍କୁ ସମସ୍ତ ଘଟଣା ଓ ପରିସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ । ପ୍ରତିଉତରରେ ହଜୁର ସ.ଅ ହଜରତ ଜୈଦ ବିନ୍ ହାରସାଙ୍କୁ ପ୍ରେରଣ କରିଥିଲେ । ଦହିୟା କଲବି ର.ଅ ମଧ୍ୟ ଜୈଦ ର.ଅଙ୍କ ସାଥିରେ ଜାଇଥିଲେ । ହଜରତ ଜୈଦ ବିନ୍ ହାରସାଙ୍କ ସୈନ୍ୟ ଦଳ ଅତ୍ୟନ୍ତ ଚତୁରତାର ସହ ଦିନବେଳା ଲୁଚି ରହୁଥିଲା ଏବଂ ରାତ୍ରବେଳା ସେମାନେ ଯାତ୍ରା କରୁଥିଲା । ସୁତରାଂ ଏ ଦୁହେଁ ଯାତ୍ରା କରି ହିସ୍ମି ଦିଗରେ ଅଗ୍ରସର ହୋଇଥିଲେ ଏବଂ ଠିକ୍ ପ୍ରାତଃ ସମୟରେ ବନୁ ଯଜାମର ଲୋକମାନଙ୍କୁ

ଧରି ନେଇଥିଲେ । ବନୁ ଯାଜମ୍ ମୁକାବିଲା କଲେ ଏବଂ ଚିରାଚରିତ ଢଙ୍ଗରେ ଯୁଦ୍ଧ ମଧ୍ୟ ହେଲା । କିନ୍ତୁ ମୁସଲମାନମାନଙ୍କର ହଠାତ୍ ଆକ୍ରମଣ ସମ୍ମୁଖରେ ଲିଷ୍ଠି ପାରିଲେ ନାହିଁ । କିଛି ସମୟ ଘମାସାନ ଲଢେଇ ହେବା ପରେ ସେମାନେ ପଳାୟନ କରିଥିଲେ । ହଜରତ ଜୈଦ ବିନ୍ ହାରସା ଅନେକ ଜିନିଷ, ଧନରତ୍ନ ଓ ଜୀବଯନ୍ତୁ ତଥା ୧୦୦ଜଣ କଏଦୀଙ୍କୁ ସାଥିରେ ନେଇ ଫେରିଥିଲେ । ସରିୟା (ଯେଉଁ ଯୁଦ୍ଧରେ ହଜୁର ସ.ଅ ସାମିଲ ହୋଇନଥିଲେ) ହିସ୍ମିର ଏକ ମାସ ପରେ ହଜୁର ସ.ଅ ପୁନଶ୍ଚ ଜୈଦ ବିନ୍ ହାରସାଙ୍କୁ ଓ୍ୱଦିଉଲ କୁରା ନାମକ ସ୍ଥାନକୁ ପ୍ରେରଣ କରିଥିଲେ । ଏହି ଯୁଦ୍ଧରେ ଅନେକ ମୁସଲମାନ ପ୍ରାଣ ହରାଇଥିଲେ । ସ୍ୱୟଂ ଜୈଦ ବିନ୍ ହାରସା ର.ଅଙ୍କୁ ମଧ୍ୟ କ୍ଷତ ଲାଗିଥିଲା । କିନ୍ତୁ ଅଲ୍ଲାଃତାଲା ନିଜର କୃପା ବଳରେ ତାଙ୍କର ଜୀବନ ରକ୍ଷା କରିଥିଲେ ।

ସରିୟା ମୌତା ଯୁଦ୍ଧ ଜମାଦି ଅଓ୍ୱଲ ୮ହିଜରୀରେ ଘଟିଥିଲା । ହଜରତ ଅବଦ୍ଧୁଲା ବିନ୍ ଉମର ର.ଅ ବର୍ଣ୍ଣନା କରନ୍ତି କି ହଜୁର ସ.ଅ ମୌତା ଯୁଦ୍ଧ ନିମନ୍ତେ ହଜରତ ଜୈଦ ବିନ୍ ହାରସାଙ୍କୁ ଅମିର ରୂପେ ନିଯୁକ୍ତ କରିଥିଲେ । ହଜୁର ସ.ଅ କହିଲେ ଯେ ଯଦି ଜୈଦ ଶହିଦ୍ ହୋଇଯାଆନ୍ତି ତେବେ ତାଙ୍କ ସ୍ଥାନରେ ହଜରତ ଜାଫର ର.ଅ ଅମିର ହେବେ ଏବଂ ଜାଫର ଶହିଦ୍ ହେଲେ ଅବଦ୍ଧୁଲ୍ଲାଃ ବିନ୍ ରଓ୍ୱାହା ତୁମମାନଙ୍କର ଅମିର ହେବେ । ଜଣେ ୟହୁଦି ଯିଏକି ଏହି କଥା ଶୁଣୁଥିଲା ହଜରତ ଜୈଦଙ୍କ ନିକଟକୁ ଆସି କହିଲା ଯଦି ତୁମର ରସୁଲ ସତ୍ୟବାନ ହୋଇଥାନ୍ତି ତେବେ ତୁମେ ଜୀବିତ ଫେରିବ ନାହିଁ । ହଜରତ ଜୈଦ କହିଲେ ମୁଁ ଜୀବିତ ଫେରେ ଅବା ନଫେରେ କିନ୍ତୁ ଆମର ରସୁଲ ନିଶ୍ଚିତ ରୂପେ ସତ୍ୟବାନ । ଏହା ଅଲ୍ଲାଃତାଲାଙ୍କର ବିଧାନ କି ଉକ୍ତ ଘଟଣାଟି ସମ୍ପୂର୍ଣ୍ଣ ରୂପେ ଏହିଭଳି ଭାବରେ ପୂର୍ଣ୍ଣ ହେଲା । ହଜରତ ଜୈଦ ର.ଅ ଶହିଦ୍ ହେଲେ, ତାଙ୍କ ଅନ୍ତେ ହଜରତ ଜାଫର୍ ସୈନ୍ୟ ଦଳର ନେତୃତ୍ୱ ନେଲେ ଏବଂ ସେ ମଧ୍ୟ ଶହିଦ୍ ହୋଇଥିଲେ । ଏହାପରେ ହଜରତ ଅବଦ୍ଧୁଲ୍ଲାଃ ବିନ୍ ରଓ୍ୱାହା ମୁସଲମାନ ସୈନ୍ୟ ଦଳର ନେତୃତ୍ୱ ନେଇଥିଲେ । ଯେତେବେଳେ ସେ ଶହିଦ୍ ହୋଇଗଲେ ସେତେବେଳେ ମୁସଲମାନ ସୈନ୍ୟ ଦଳ ବିକ୍ଷିପ୍ତ ହେବାର ସମ୍ପୂର୍ଣ୍ଣ ସମ୍ଭାବନା ଥିଲା କିନ୍ତୁ ହଜରତ ଖାଲିଦ୍ ବିନ୍ ଓ୍ୱଲିଦ୍ ଇସଲାମର ଧ୍ୱଜାକୁ ନିଜ ହସ୍ତରେ ଥାମି ନେଇଥିଲେ । ଶେଷରେ ଅଲ୍ଲାଃତାଲା ତାଙ୍କ ମାଧ୍ୟମରେ ମୁସଲମାନମାନଙ୍କୁ ବିଜୟ ପ୍ରଦାନ କରିଥିଲେ । ଯାହାଫଳରେ କି ସେ ସୁରକ୍ଷିତ ରୂପେ ସୈନ୍ୟ ଦଳକୁ ଫେରାଇ ଆଣିବାରେ ସକ୍ଷମ ହୋଇପାରିଥିଲେ ।

ଯେତେବେଳେ ହଜୁର ସ.ଅଙ୍କୁ ହଜରତ ଜୈଦ ବିନ୍ ହାରସା, ହଜରତ ଜାଫର୍ ଓ ହଜରତ ଅବଦ୍ଧୁଲ୍ଲାଃ ବିନ୍ ରଓ୍ୱାହା ର.ଅଙ୍କ ସମ୍ପର୍କରେ ସୂଚନା ପ୍ରାପ୍ତ ହେଲା ସେତେବେଳେ ହଜୁର ସ.ଅ ସେମାନଙ୍କ ବିରତ୍ୱର ଚର୍ଚ୍ଚା କରିବା ପାଇଁ ମଂଚ ଉପରେ ଚଢିଗଲେ । ସର୍ବପ୍ରଥମେ ହଜୁର ହଜରତ ଜୈଦ ର.ଅଙ୍କ ଚର୍ଚ୍ଚା କରି କହିଲେ- ହେ ଅଲ୍ଲାଃ ! ଜୈଦଙ୍କୁ ମୋକ୍ଷ ପ୍ରଦାନ କର ଏବଂ ଏହା ହଜୁର ତିନି ଥର ଆବୃତି କଲେ । ତା'ପରେ କହିଲେ ହେ ଅଲ୍ଲାଃ ! ଜାଫର୍ ର.ଅ ଓ ଅବଦ୍ଧୁଲ୍ଲାଃ ବିନ୍ ରଓ୍ୱାହା ର.ଅଙ୍କୁ ମଧ୍ୟ ମୋକ୍ଷ ପ୍ରଦାନ କର । **ତବକାତୁଲ୍ କୁବରା**ରେ ଉଲ୍ଲେଖ ରହିଛି ଯେ, ଯେତେବେଳେ ହଜରତ ଜୈଦ ର.ଅ ଶହିଦ୍ ହୋଇଗଲେ ସେତେବେଳେ ହଜୁର ସ.ଅ ତାଙ୍କର ପରିବାରଙ୍କ ନିକଟକୁ ଶୋକ ବ୍ୟକ୍ତ କରିବା ପାଇଁ ଗଲେ ଏବଂ କହିଲେ ହେ ଅଲ୍ଲାଃ ! ଜୈଦଙ୍କୁ ବୈକୁଣ୍ଠରେ ସ୍ଥାନ ପ୍ରଦାନ କର । ସେଠାରେ ସେତେବେଳେ ତାଙ୍କ ପୁତ୍ର ଚକ୍ଷୁରୁ ଅଶ୍ରୁ ଝରୁଥିଲା, ଏହି ଦୃଶ୍ୟ ଦେଖିବା ମାତ୍ରେ ହଜୁର ସ.ଅଙ୍କ ଚକ୍ଷୁରୁ ମଧ୍ୟ ଅଶ୍ରୁ ଝରି ପଡ଼ିଲା । ଶାହାଦତ୍ ସମୟରେ ତାଙ୍କୁ ୫୫ବର୍ଷ ବୟସ ହୋଇଥିଲା । ହଜୁର ସ.ଅ ହଜରତ ଜୈଦ ର.ଅଙ୍କର ଜନାଯାଃ ପଢାଇଲେ ଏବଂ କହିଲେ ହଜରତ ଜୈଦ ର.ଅଙ୍କ ବୈକୁଣ୍ଠ ପ୍ରାପ୍ତି କାମନା କରନ୍ତୁ । କାରଣ ସେ ସ୍ୱର୍ଗପୁରରେ ଧବମାନ ଅବସ୍ଥାରେ ପ୍ରବେଶ କରିଯାଇଛନ୍ତି ।

ହଜରତ ଜବଲା ବର୍ଣ୍ଣନା କରନ୍ତି ହଜୁର ସ.ଅ ସ୍ୱୟଂ ଯେତେବେଳେ କୌଣସି ଯୁଦ୍ଧ ଅଭିମୁଖେ ବାହାରୁ ନଥିଲେ ସେତେବେଳେ ହଜୁର ହଜରତ ଅଲୀ ଓ ହଜରତ ଜୈଦଙ୍କ ବ୍ୟତୀତ ଅନ୍ୟ କାହାରିକୁ ଅସ୍ତ୍ର ପ୍ରଦାନ କରୁ ନଥିଲେ । ପୁନଶ୍ଚ ଅନ୍ୟ ଏକ ରିଓ୍ୱାୟତରେ ହଜରତ ଜବଲା ବର୍ଣ୍ଣନା କରନ୍ତି କି ହଜୁର ସ.ଅଙ୍କୁ ପୁରସ୍କାର ସ୍ୱରୂପ ଦୁଇଟି କୁଜାଓ୍ୱା (ଓଟ ଉପରେ ବସିବା ନିମନ୍ତେ ବ୍ୟବହୃତ ପାଲିକି) ପ୍ରଦାନ କରାଯାଇଥିଲା । ଗୋଟିଏ ହଜୁର ସ.ଅ ନିଜ ପଖରେ ରଖୁଥିଲେ । ଏବଂ ଅନ୍ୟଟି ହଜରତ ଜୈଦ ର.ଅଙ୍କୁ ପ୍ରଦାନ ଦେଇଥିଲେ । ଅତଃ ହଜରତ ଜବଲା ର.ଅଙ୍କର ହିଁ ବର୍ଣ୍ଣନାନୁଯାୟୀ ହଜୁର ସ.ଅ ଦୁଇଟି ଦୀର୍ଘ ପୋଷାକ ପରିଛଦ ପ୍ରଦାନ କରାଯାଇଥିଲା । ହଜୁର ସ.ଅ ସ୍ୱୟଂ ଗୋଟିଏ ରଖିଥିଲେ ଏବଂ ଅନ୍ୟଟିକୁ ହଜରତ ଜୈଦ ର.ଅଙ୍କୁ ପ୍ରଦାନ କରି ଦେଇଥିଲେ । ଅନ୍ୟ ଏକ ସ୍ଥାନରେ ଏହା ବର୍ଣ୍ଣନା ରହିଛି କି ହଜରତ ଜୈଦ ବିନ୍ ହାରସା ର.ଅଙ୍କୁ ହଜୁର ସ.ଅଙ୍କ ମିତ୍ର ବୋଲି କୁହାଯାଉଥିଲା । ଏକଦା ହଜୁର ସ.ଅ ତାଙ୍କ ସଂକ୍ରାନ୍ତରେ କହିଲେ ଲୋକମାନଙ୍କ ମଧ୍ୟରୁ ମୋର ସର୍ବାଧିକ ପ୍ରିୟତମ ବ୍ୟକ୍ତି ସେ ଯାହାଙ୍କୁ ଅଲ୍ଲାଃ ପୁରସ୍କୃତ କରିଛନ୍ତି । ଅର୍ଥାତ ହଜରତ ଜୈଦ ର.ଅ ।

ମୌତା ଯୁଦ୍ଧର ପ୍ରତିଶୋଧ ନେବା ପାଇଁ ହଜୁର ସ.ଅ ୧୧ହିଜରୀରେ ମୁସଲମାନମାନଙ୍କ ଏକ ବିଶାଳ ସୈନ୍ୟଦଳ ପ୍ରସ୍ତୁତ କଲେ ଏବଂ ଆଦେଶ ଦେଲେ ରୋମ ବିରୁଦ୍ଧରେ ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇଯାଅ । ଯେତେବେଳେ ଏହି ସୈନ୍ୟଦଳ ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇଗଲା ସେତେବେଳେ ହଜୁର ସ.ଅ ହଜରତ ଉସାମା ବିନ୍ ଜୈଦଙ୍କୁ ଡ଼କାଇଲେ ଏବଂ ଏହି ଯୁଦ୍ଧର ନେତୃତ୍ୱ ପ୍ରଦାନ କରି କହିଲେ, ନିଜ ପିତାର ବୀରଗତି ପ୍ରାପ୍ତ ହୋଇଥିବା ସ୍ଥାନକୁ ଯାଅ ଏବଂ ଦ୍ରୁତ ବେଗରେ ଯାତ୍ରା କର । ସେମାନଙ୍କ ନିକଟରେ ତୁମର ସୂଚନା ପହଂଚିବା ପୂର୍ବରୁ ଯାଇ ପହଂଚିଯାଅ ଏବଂ ସକାଳ ହେବା କ୍ଷଣି ସେମାନଙ୍କ ଉପରେ ଆକ୍ରମଣ କରିଦିଅ । ହଜରତ ମୁହମ୍ମଦ ସ.ଅ କହିଲେ ହଜରତ ଜୈଦ ର.ଅଙ୍କର ପ୍ରତିଶୋଧ ନେବା ପାଇଁ ସେହି ସ୍ଥାନଗୁଡ଼ିକୁ ନିଜର ଅଶ୍ୱମାନଙ୍କ ଖୁର ସାହାଯ୍ୟରେ ଦଳିଦିଅ । ହଜୁର ସ.ଅ ହଜରତ ଉସାମା ର.ଅଙ୍କୁ ଅଧିକ କହିଲେ ଯେ ନିଜ ସାଙ୍ଗରେ ପଥ ପ୍ରଦର୍ଶନକାରୀଙ୍କୁ ମଧ୍ୟ ନେଇଯାଅ ଏବଂ ସେଠିକାର ସୂଚନା ପାଇବା ପାଇଁ ଲୋକମାନଙ୍କୁ ମଧ୍ୟ ନିଯୁକ୍ତ କର ଯେଉଁମାନେ ତୁମକୁ ସଠିକ୍ ପରିସ୍ଥିତି ସମ୍ପର୍କରେ ଅଗବତ କରିପାରିବେ । ଅଲ୍ଲାଃତାଲା ତୁମକୁ ଜୟଯୁକ୍ତ କରାନ୍ତୁ ଏବଂ ତୁମେ ଶୀଘ୍ର ଫେରି ଆସିବ । ଏହି ଯୁଦ୍ଧ ସମୟରେ ହଜରତ ଉସାମା ର.ଅଙ୍କୁ ପ୍ରାୟ ୧୭ରୁ ୨୦ବର୍ଷ ବୟସ ହୋଇଥିଲା । ହଜୁର ସ.ଅ ହଜରତ ଉସାମାଙ୍କ ପାଇଁ ସ୍ୱହସ୍ତରୁ ଏକ ଧ୍ୱଜା ବାନ୍ଧିଲେ ଏବଂ ହଜରତ ଉସାମା ର.ଅଙ୍କୁ କହିଲେ ଅଲ୍ଲାଃତାଲା ନାମ ନେଇ ତାଙ୍କରି ମାର୍ଗରେ ଜିହାଦ କର ଏବଂ ଯେଉଁ ବ୍ୟକ୍ତି ଅବଜ୍ଞା ପ୍ରଦର୍ଶନ କରେ ତା ସହିତ ଯୁଦ୍ଧ କର ।

ହଜୁର ସ.ଅଙ୍କ ଅସୁସ୍ଥତା ବଢିଯିବା ସତ୍ୱେ ହଜୁର ସ.ଅ ତାଗିଦ୍ କରି କହୁଥିଲେ କି ଉସାମାଙ୍କର ସୈନ୍ୟ ବାହିନୀକୁ ପଠାଅ । ସୋମବାର ଦିନ ହଜୁର ସୁସ୍ଥ ହୋଇଗଲେ ଏବଂ ଉସାମା ର.ଅଙ୍କୁ କହିଲେ ଅଲ୍ଲାଃତାଲାଙ୍କ ବରକତ୍ ଦ୍ୱାରା ତୁମେ ବାହରିଯାଅ । ହଜରତ ଉସାମା ହଜୁର ସ.ଅଙ୍କ ଠାରୁ ବିଦାୟ ନେଇ ଯୁଦ୍ଧ କ୍ଷେତ୍ରକୁ ବାହାରି ପଡ଼ିଲେ । ସେହି ସମୟରେ ତାଙ୍କର ମାତାଶ୍ରୀ ହଜରତ ଉମ୍ମେ ଅଏମନ ନିକଟକୁ ଜଣେ ସନ୍ଦେଶବାହକ ସମ୍ବାଦ ନେଇ ଆସେଲେ କି ହଜୁର ସ.ଅଙ୍କର ଅନ୍ତିମ କ୍ଷଣ ଆସିଯାଇଛି । ତାଙ୍କର ସ୍ୱାସ୍ଥ୍ୟାବସ୍ଥା ତିବ୍ରତାର ସହ ଅବନତି ହୋଇଚାଲିଛି । ଏହି ଦୁଃଖଦ ଖବର ଶୁଣି ହଜରତ ଉସାମା, ହଜରତ ଉମର ଓ ହଜରତ ଅବୁ ଉବୈଦାଙ୍କ ସହିତ ହଜୁର ସ.ଅଙ୍କୁ ଦେଖିବାକୁ ଯୁଦ୍ଧ କ୍ଷେତ୍ରରୁ ଫେରି ଆସିଲେ ଏବଂ ସେଠାରେ ସେମାନେ ଏହା ଅବଲୋକନ କଲେ କି ହଜୁର ସ.ଅଙ୍କ ଅନ୍ତିମ ସମୟ ଆସି ଯାଇଛି । ରବିଉଲ୍ ଅଓ୍ୱଲ ମାସ ୧୨ ତାରିଖରେ ହଜୁର ସ.ଅ ଇହଧାମ ତ୍ୟାଗ କଲେ । ଯାହା ଫଳରେ ମୁସଲମାନମାନଙ୍କର ସୈନ୍ୟ ଦଳ ଜରଫ୍ ସ୍ଥାନରୁ ମଦିନାକୁ ଫେରି ଆସିଥିଲା । ହଜରତ ବୁରୈଦା ହଜରତ ଉସାମା ର.ଅଙ୍କର ଧ୍ୱଜା ହଜୁର ସ.ଅଙ୍କ ଦ୍ୱାରା ମୁଖରେ ପୋତି ଦେଲେ । ଯେତେବେଳେ ସମସ୍ତେ ହଜରତ ଅବୁବକର ର.ଅଙ୍କ ହସ୍ତରେ ଦୀକ୍ଷା ଗ୍ରହଣ କଲେ ସେତେବେଳେ ହଜରତ ଅବୁବକର ର.ଅ ହଜରତ ବୁରୈଦା ର.ଅଙ୍କୁ ଆଦେଶ ଦେଲେ ଯେ, ଇସଲାମର ଧ୍ୱଜା ଧରି ଉସାମାଙ୍କ ଘରକୁ ଯାଅ । ତାହା ଦେଖି ସେ ନିଜର ଲକ୍ଷ ହାସଲ କରିବା ପାଇଁ ବାହାରି ଯିବେ । ସୁତରାଂ ହଜରତ ବୁରୈଦା ର.ଅ ଧ୍ୱଜାକୁ ଧରି ସୈନ୍ୟ ଦଳର ପ୍ରଥମ ସ୍ଥାନକୁ ନେଇଗଲେ । ହଜୁର ସ.ଅଙ୍କର ଅକାଳ ବିୟୋଗ ପରେ ସମଗ୍ର ଆରବ ଦେଶରେ ଧର୍ମ ପରିବର୍ତ୍ତନର ଉପଦ୍ରବରେ ଅସାଧାରଣ ବୃଦ୍ଧି ଘଟିଥିଲା । ହଜରତ ଅବୁବକର ର.ଅ ରାଜି ହେଲେ ନାହିଁ ଏବଂ କହିଲେ ଯଦି ମୋତେ ଜୀବଯନ୍ତୁମାନେ ଏଥେତେଣେ

**ହଦିସ୍ ନବଓ୍ୱି ସ:ଆ:ସ**

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

ତାଲିବେ ଦୁଆ: *Majlis Lajna Imaillah, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

*(ଖୁତ୍‌ବା ଯୁମାଃ: ପ୍ରଦତ ୨୭ ଜାନୁୟାରୀ ୨୦୧୭)*

ତାଲିବେ ଦୁଆ: *Hawa Bibi & Family, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମର ସମସ୍ତ ଓ୍ୱହ୍‌ଦାଦାର୍ ଯେକୌଣସି ସ୍ତରର ଓ୍ୱହ୍‌ଦାଦାର୍ ହୁଅନ୍ତୁ ନା କାହିଁକି, ସେମାନେ ନିଜର ନମୁନା କାଏମ୍ କରନ୍ତୁ । ସଲାମ କରିବାରେ ଆଗୁଆ ହୁଅନ୍ତୁ । ଏହା ଜରୁରୀ ନୁହେଁ ଯେ ଅପେକ୍ଷା କରନ୍ତୁ କି ଛୋଟ ବା ଅଧିନସ୍ତ ମତେ ସଲାମ୍ କରୁ ।''

*(ଖୁତ୍‌ବା ଯୁମାଃ ପ୍ରଦତ ୬ ଜାନୁୟାରୀ ୨୦୧୫)*

ତାଲିବେ ଦୁଆ: *Majlis Lajna Imaillah, Jamat Ahmadiyya, Pankal (Odisha)*

ଘୋସାରି ନିଅନ୍ତୁ । ତେବେ ବି ମୁଁ ସେହି ସୈନ୍ୟ ଦଳକୁ ହଜୁର ସ.ଅଙ୍କ ନିଷ୍ପତିକ୍ରମେ ନିଶ୍ଚିତ ପ୍ରେରଣ କରିବି । ସୁତରାଂ ସେହି ସୈନ୍ୟ ଦଳ ପୁର୍ନବାର ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇଗଲା । କେତେକ ଅନସାର ସାହାବିମାନେ ପରିସ୍ଥିତିର ମୃଦୁଳତା କାରଣରୁ ଏହା ପରାମର୍ଶ ଦେଲେ କି ସୈନ୍ୟ ଦଳକୁ ବର୍ତମାନ ଅଟକାଇ ଦେବା ଉଚିତ । ରେଓ୍ୱାୟତ୍ ଅନୁଯାୟୀ କେତେକ ଅନସାର ସାହାବା ହଜରତ ଉମ ର.ଅଙ୍କୁ ମଧ କହିଲେ କି ଯଦି ହଜରତ ଅବୁବକର ର.ଅ ସୈନ୍ୟ ଦଳକୁ ଯୁଦ୍ଧ ନିମନ୍ତେ ପ୍ରେରଣ କରିବାରେ ଅଟଳ ରୁହନ୍ତି ତେବେ ତାଙ୍କୁ ନିବେଦନ କରନ୍ତୁ କି ସେ ଏଭଳି ବ୍ୟକ୍ତି ନିଯୁକ୍ତ କରନ୍ତୁ ଯାହାଙ୍କର ବୟସ ହଜରତ ଉମର ର.ଅଙ୍କ ଠାରୁ ଅଧିକ ହୋଇଥିବ । ସୁତରାଂ ଲୋକମାନଙ୍କ ଠାରୁ ଏହି ରାୟ ନେଇ ହଜରତ ଉମର ର.ଅ ହଜରତ ଅବୁବକର ର.ଅଙ୍କ ନିକଟରେ ଉପସ୍ଥିତ ହେଲେ । ସେତେବେଳେ ପ୍ରଥମ ଖଲିଫା ନିଜର ସେହି ପୂର୍ବ ଲୌହ ସଙ୍କଳ୍ପ ପରି କହିଲେ ଯେଉଁ କାମକୁ କରିବା ପାଇଁ ହଜୁର ସ.ଅ ମୋତେ ନିର୍ଦ୍ଦେଶ ଦେଇଛନ୍ତି । ଯଦି ସେହି କାମ କରିବାରୁ ମୋତେ ନିବୃତ ରଖିବାରେ ବଣଜଙ୍ଗଲର ହିଂସ୍ର ଜୀବଯନ୍ତୁ ମଦିନାରେ ପ୍ରବେଶ କରି ମୋତେ ଘୋସାରି ନିଅନ୍ତି ତେବେସୁଧା ମୁଁ ସେଥିରରୁ ପଶ୍ଚାତ ପଦ ହେବି ନାହିଁ । ହଜରତ ଅବୁବକର ଏହି ଅଟଳ ସଙ୍କଳ୍ପ ଦେଖି ହଜରତ ଉମର ର.ଅ ସୈନ୍ୟ ଦଳ ପାଖରେ ପହଂଚିଲେ । ଯେତେବେଳେ ଲୋକମାନେ ପଚାରିଲେ କଣ ହେଲା ? ହଜରତ ଉମର ର.ଅ କ୍ରୋଧାନ୍ୱିତ ହୋଇ କହିଲେ ମୋ ପାଖରୁ ଶୀଘ୍ର ଚାଲିଯାଅ । କାରଣ ଆଜି ମୋତେ ତୁମମାନଙ୍କ ଯୋଗୁଁ ରସୁଲୁଲ୍ଲାଃ ସ.ଅଙ୍କର ଖଲିଫାଙ୍କ ଠାରୁ ପାଟି ଶୁଣିବାକୁ ପଡ଼ିଛି । ଯେତେବେଳେ ହଜରତ ଅବୁବକର ର.ଅଙ୍କ ଆଦେଶାନୁସାରେ ଉସାମା ର.ଅଙ୍କର ସୈନ୍ୟ ଜରଫ୍ ନାମକ ସ୍ଥାନରେ ଏକତ୍ରିତ ହେଲା ସେତେବେଳେ ହଜରତ ଅବୁବକର ର.ଅ ସ୍ୱୟଂ ସେଠାକୁ ପ୍ରସ୍ଥାନ କଲେ ଏବଂ ସୈନ୍ୟ ଦଳର ନୀରିକ୍ଷଣ କରି ତାହାକୁ କ୍ରମରେ ସଜାଡ଼ିଲେ । ସେତେବେଳେ ଉସାମା ର.ଅ କହିଲେ ହେ ଅଲ୍ଲାଃଙ୍କ ରସୁଲଙ୍କର ଖଲିଫା ! ଆପଣ ଅଶ୍ୱ ଉପରେ ଆରୋହଣ କରନ୍ତୁ ନତୁବା ମୁଁ ତଳକୁ ଓହଙ୍ଗେଇ ପଡୁଛି । ହଜରତ ଅବୁବକର ର.ଅ କହିଲେ- ମୁଁ ଈଶ୍ୱରଙ୍କ ଶପଥ କରି କହୁଅଛି ନା ତୁମେ ତଳକୁ ଓହ୍ଲାଇବ ଓ ନା ମୁଁ ଅଶ୍ୱ ଆରୋହଣ କରିବି । ଅଲ୍ଲାଃଙ୍କ ପଥରେ ମୁଁ ନିଜର ଦୁଇ ପାଦକୁ ଘଡ଼ିଏ କଷ୍ଟ ଦେଲେ କ'ଣ ମୋର କିଛି କ୍ଷତି ହୋଇଯିବ ? ଧର୍ମଯୋଦ୍ଧା ଯେତେବେଳେ ଈଶ୍ୱରଙ୍କ ମାର୍ଗରେ ନିଜ ପାଦ ଉଠାଏ ସେତେବେଳେ ତାହା ନିମନ୍ତେ ପ୍ରତିବଦଳରେ ୭୦୦ଗୁଣା ପୁଣ୍ୟ ଲେଖା ଯାଇଥାଏ ଏବଂ ତାହାର ସ୍ତର ୭୦୦ଗୁଣା ଅଭିବୃଦ୍ଧି ହୋଇଥାଏ । ତାହାର ୭୦୦ଗୁଣା ପାପ ବିଲିନ ଘଟେ ।

ଏହି ଘଟଣା ପରେ ହଜରତ ଉମର ର.ଅ ଯେତେବେଳେ ହଜରତ ଉସାମା ର.ଅଙ୍କ ସହିତ ସାକ୍ଷାତ କରୁଥିଲେ । ସେତେବେଳେ ତାଙ୍କୁ ସମ୍ବୋଧନ କରି କହୁଥିଲେ- **ଅସ୍‌ସଲାମୋ ଆଲୈକୁମ୍ ଅଇୟୋହଲ୍ ଅମିରୁ ।** ଅର୍ଥାତ ହେ ଅମିର ତୁମ ଉପରେ ଶାନ୍ତି ଅବତୀର୍ଣ୍ଣ ହେଉ । ହଜରତ ଉସାମା ଏହାର ଉତରରେ କହୁଥିଲେ **ଗଫରଲ୍ଲାହୁ ଲକା ୟା ଅମିରୁଲ୍ ମୁମିନିନ୍ ।** ଅର୍ଥାତ ହେ ଅମିରୁଲ ମୁଉମିନିନ୍ ଅଲ୍ଲାଃତାଲା ଆପଣଙ୍କ ପ୍ରତି କୃପା ପ୍ରଦର୍ଶନ କରନ୍ତୁ ।

ହଜରତ ଅବୁବକର ର.ଅ ହଜରତ ଉସାମା ର.ଅଙ୍କ ସୈନ୍ୟ ଦଳକୁ ଏହି ଶବ୍ଦରେ ବିଦାୟ ଦେଇଥିଲେ, ତୁମେ ବିଶ୍ୱାସଘାତ କରିବ ନାହିଁ, ତୁମେ ବଚନ ଘଙ୍ଗ କରିବ ନାହିଁ ଏବଂ ଶବ ପ୍ରତି ଦୁର୍ବ୍ୟବହାର କରିବ ନାହିଁ । କମ୍ ବୟସର୍ମିଲାମାନଙ୍କୁ ଓ ବୟୋଜ୍ୟୋଷ୍ଠ ତଥା ମହିଳାମାନଙ୍କୁ ହତ୍ୟା କରିବ ନାହିଁ । ଖଜୁରୀ ଗଛ କାଟିବ ନାହିଁ କି ପୋଡ଼ିବ ନାହିଁ, କୌଣସି ଗାଇ ମେଣ୍ଢା ଓ ପଶୁମାନଙ୍କୁ ଖାଇବା ବ୍ୟତୀତ ଅଯଥାରେ ହତ୍ୟା କରିବ ନାହିଁ । ପୁନଶ୍ଚ କହିଲେ ତୁମେମାନେ ନିଶ୍ଚିତ ଏଭଳି ଏକ ଜାତି ସମୀପରୁ ଅତିକ୍ରମ କରିବ ଯେଉଁମାନେ ନିଜକୁ ଗିର୍ଜାମାନଙ୍କର ଉପାସନା ନିମନ୍ତେ ଉତ୍ସର୍ଗ କରି ରଖିଥିବେ । ତେବେ ସେମାନଙ୍କୁ ଛାଡ଼ିଦେବ । ତୁମକୁ ଏପରି ଲୋକମାନେ ମିଳିବେ ଯେଉଁମାନେ ନିଜର ଖାଦ୍ୟ ଥାଳୀରେ ବିଭିନ୍ନ ପ୍ରକାରର ଖାଦ୍ୟ ଆଣିବେ । ଯଦି ତୁମେ ସେମାନଙ୍କ (ବାସନ) ଥାଳିରୁ କିଛି ସେବନ କର ତେବେ ବିସ୍ମିଲା ପଢି ଖାଦ୍ୟ ସେବନ କର ଏବଂ ତୁମେ ନିଶ୍ଚିତ ଏଭଳି ଏକ ଜାତି ନିକଟକୁ ଯିବ ଯେଉଁମାନେ ମୁଣ୍ଡର ମଧ ଭାଗରୁ କେଶ ମୁଣ୍ଡନ କରିଥିବେ । କିନ୍ତୁ ସେମାନେ ଚତୁର୍ପାର୍ଶ୍ୱରୁ **କୋଲ୍ଲୋମାନଙ୍କ** ପରି କେଶ ଛାଡ଼ିଥିବେ । ସୁତରାଂ ତୁମେ ଏପରି ଲୋକମାନଙ୍କୁ କମ୍ କ୍ଷତ ଦେବ ଏବଂ ଅଲ୍ଲାଃତାଲାଙ୍କ ନାମ ନେଇ ନିଜକୁ ରକ୍ଷା କରିବ । ଅଲ୍ଲାଃତାଲା ତୁମମାନଙ୍କୁ ବ୍ୟାଙ୍ଗ ଓ ପ୍ଲେଗ୍ ପରି ରୋଗରୁ ସୁରକ୍ଷିତ ରଖନ୍ତୁ । ସେ ଯାହାହେଉ ୧୧ହିଜରୀର ରବିଉଲ୍ ଅଓ୍ୱ ମାସରେ ହଜରତ ଉସାମା ନିଜର ସୈନ୍ୟମାନଙ୍କ ସହିତ ମଦିନାରୁ ପ୍ରସ୍ଥାନ କଲେ ଏବଂ ସ୍ଥାନ ପରେ ସ୍ଥାନ ଅତିକ୍ରମ କରି ରସୁଲୁଲ୍ଲାଃ ସ.ଅଙ୍କ ଇଚ୍ଛା ପତ୍ର ଅନୁଯାୟୀ **ଶାମର ଅବନା** ଅଂଚଳରେ ପହଂଚିଲେ ଏବଂ ସକାଳେ ହେବା କ୍ଷଣି ସେ ବସ୍ତିର ଚତୁର୍ପାର୍ଶ୍ୱରୁ ସେମାନଙ୍କ ଉପରେ ଆକ୍ରମଣ କଲେ ।

ଏହି ଯୁଦ୍ଧରେ ଯେଉଁମାନେ ମୁସଲମାନ ମୁଜାହିଦ୍‌ଙ୍କ ସହିତ ଯୁଦ୍ଧ କଲେ ସେମାନଙ୍କ ମଧ୍ୟରୁ ଅନେକ ନିହତ ହେଲେ ଏବଂ ଅଧିକାଂଶ ବନ୍ଦୀ ହୋଇଥିଲେ । ସେହିପରି ଅଧିକାଂଶ ମାଲେ ଗନିମତ୍ (ବିଜୟ ଅନ୍ତେ ପ୍ରାପ୍ତ ଧନସମ୍ପତି) ମଧ ପ୍ରାପ୍ତ ହୋଇଥିଲା । ଯହିଁରୁ ଖୁମସ୍ ଅର୍ଥାତ ପାଂଚ ଭାଗ ରଖି ବଳକା ଧନକୁ ସୈନ୍ୟସାମନ୍ତ ମଧରେ ବାଣ୍ଟି ଦେଇଥିଲେ । ଏହି ଯୁଦ୍ଧରୁ ନିବୃତ ହେବା ପରେ ସୈନ୍ୟମାନେ ସେହିଠାରେ ହିଁ ଗୋଟିଏ ଦିନ ରହିଥିଲେ ଏବଂ ପରବର୍ତୀ ଦିନ ମଦିନା ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ ।

ଯେତେବେଳେ ଏହି ବିଜୟ ପ୍ରାପ୍ତ ସୈନ୍ୟଦଳ ମଦିନାରେ ପହଂଚିଲେ ସେତେବେଳେ ହଜରତ ଅବୁବକର ର.ଅ ପ୍ରବାସକାରୀ ଓ ଅନସାରମାନଙ୍କ ସହିତ ମଦିନା ବାହାରକୁ ସେମାନଙ୍କୁ ଭରପୁର ସ୍ୱାଗତ ଓ ଅଭିନନ୍ଦନ ଜଣାଇଥିଲେ । ମଦିନାରେ ପ୍ରବେଶ କରି ସୈନ୍ୟଦଳ ମସଜିଦେ ନବଓ୍ୱି ପର୍ଯ୍ୟନ୍ତ ଯାଇଥିଲେ । ହଜରତ ଉସାମା ମସଜିଦ୍‌ରେ ଦୁଇ ରେକାତ୍ ନଫିଲ୍ ପାଠ କରିବା ପରେ ନିଜ ଘରକୁ ଯାଇଥିଲେ । ଉସାମା ର.ଅଙ୍କ ସୈନ୍ୟଦଳକୁ ପ୍ରେରଣ କରିବା ମୁସଲମାନମାନଙ୍କ ପକ୍ଷରେ ଅତ୍ୟନ୍ତ ଫଳପ୍ରଦ ହେଲା । କାରଣ ଆରବବାସୀ ଏହା କହିବାକୁ ଲାଗିଥିଲେ କି ଯଦି ମୁସଲମାନମାନଙ୍କ ଭିତରେ ଶକ୍ତି ଓ ସାମର୍ଥ୍ୟ ନଥାଆନ୍ତା ତେବେ ସେ କଦାପି ସୈନ୍ୟଦଳକୁ ପ୍ରେରଣ କରି ନଥାନ୍ତେ । ଏହିପରି ଭାବରେ ଅମାନ୍ୟକାରୀମାନେ ଯେଉଁ କଥାଗୁଡ଼ିକ ମୁସଲମାନମାନଙ୍କ ବିରୁଦ୍ଧରେ ପ୍ରାୟୋଜିତ କରିବା ପାଇଁ ଚେଷ୍ଟା କରିଥିଲେ ସେହି କଥାରୁ ସେମାନେ ନିବୃତ ହୋଇଗଲେ । ଅଲ୍ଲାଃତାଲା ହଜରତ ଜୈଦ ବିନ୍ ହାରସା ର.ଅ ଏବଂ ତାଙ୍କ ପୁତ୍ର ଉସାମା ବିନ୍ ଜୈଦ ର.ଅଙ୍କ ଉପରେ ହଜାର ହଜାର ଆଶିଷ ଅବତୀର୍ଣ୍ଣ କରନ୍ତୁ ଯିଏ ଆମମାନଙ୍କର ପ୍ରିୟ ନବୀଙ୍କର ପ୍ରିୟ ଥିଲେ ।

ନମାଜ ଜୁମା ପାଠ କରିବା ପରେ ମୁଁ ଦୁଇ ଗୋଟି ନମାଜ ଜନାଯାଃ ଗାଏବ ପାଠ କରାଇବି । ପ୍ରଥମ ଜନାଯାଃ ଶ୍ରୀମାନ ସିଦ୍ଦିକ୍ ଆଦମ ଡ଼ୁମ୍ବାଇ ସାହେବଙ୍କର ଯେ ଆଇବ୍ରି କୋଷ୍ଟର ମୁବଲିଗ୍ ଥିଲେ ଏବଂ ଦିର୍ଘଦିନ ହେଲା ଅସୁସ୍ଥ ଥିଲେ । ଗତ ବର୍ଷ ପ୍ରୋଷ୍ଟେଟ୍‌ର ଅସ୍ତ୍ରୋପଚାର ମଧ କରାଇଥିଲେ । ଏହିପରି ବେକରେ ମଧ ଅସୁବିଧା ଥିଲା, dialysis ମଧ ଚାଲିଥିଲା । ଅନେକ ଦିନ ହେଲା ଆବିଜାନରେ ଚିକିତ୍ସିତ ହେଉଥିଲେ । ବିଗତ ଦିନ ହଠାତ୍ ସ୍ୱାସ୍ଥ୍ୟ ଅବସ୍ଥା ଅଧିକ ଖରାପ ହେବା ଯୋଗୁଁ ମେଲେଟ୍ରି ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା । କିନ୍ତୁ ପରିଶେଷରେ ଅର୍ଥାତ ଜୁନ୍ ମାସ ୧୪ତାରିଖ ଦିନ ଆପଣଙ୍କର ଦେହାନ୍ତ ହେଲା । **ଇନ୍ନାଲିଲ୍ଲାହି ଓ୍ୱ ଇନ୍ନା ଇଲୈହି ରାଜେଉନ୍**

ଆପଣଙ୍କର ଜଣେ ନାତି ଶ୍ରୀଯୁକ୍ତ କାସିମ ମୁସ୍ତଫା ସାହେବ ଓ ନାତି (ଝିଅର ପୁଅ) ଶ୍ରୀଯୁକ୍ତ ମହମ୍ମଦ ସଫିରୁଦ୍ଦିନ ସାହେବ ମଧ ମୁରବୀ ଅଛନ୍ତି । ଆଉ ଜଣେ ନାତି ଶ୍ରୀଯୁକ୍ତ ବିଲାଲ ଅହମଦ ଓ୍ୱକଫେ ନୌରେ ଅନ୍ତର୍ଭୁକ୍ତ ଏବଂ ଚଳିତ ବର୍ଷ ଡ଼ାକ୍ତର ହୋଇ ନିଜ କର୍ମକ୍ଷେତ୍ରରେ ପର୍ଦାପଣ କରିବାକୁ ଯାଉଛନ୍ତି । ଅଲ୍ଲାଃତାଲା ତାଙ୍କ ସହ ଦୟା ଓ କ୍ଷମା ଆଚରଣ କରନ୍ତୁ ଏବଂ ବୈକୁଣ୍ଠରେ ତାଙ୍କ ସ୍ତର ବୃଦ୍ଧି କରନ୍ତୁ । ମୁରବୀ ଗୁଲାମ ମୁରତେଜା ସାହେବ ଯେ ପରଦେଶରେ ଅଲ୍ଲାଃତାଲାଙ୍କ ବାର୍ତା ପହଂଚାଇବାରେ ବ୍ୟସ୍ତ ରହିଛନ୍ତି, ଯେପରିକି ମୁଁ କହିଲି ଏଥିଯୋଗୁଁ ସେ ଜନାଯାଃରେ ମଧ ସାମିଲ ହୋଇପାରିଲେ ନାହିଁ । ତାଙ୍କୁ ମଧ ଅଲ୍ଲାଃ ଧୈର୍ଯ୍ୟ ଓ ସଂଯମ ପ୍ରଦାନ କରନ୍ତୁ । ଜୁମା ନମାଜ ପରେ **ଇନ୍‌ଶା ଅଲ୍ଲାଃ** ମୁଁ ତାଙ୍କ ଜନାଯାଃ ଗାଏବ ପାଠ କରାଇବି ।

⌘⌘⌘⌘⌘⌘⌘⌘⌘⌘⌘⌘⌘

## ଅଖବାର୍ ବଦରର ସୁମାରା (ଅଙ୍କ) ଗୁଡ଼ିକର ସୁରକ୍ଷା କରନ୍ତୁ

ହଜରତ୍ ମସିହ୍ ମଉଦ୍ ଆ:ସଙ୍କ ସମୟର ସ୍ମୃତି ଚିହ୍ନ ''ଅଖବାର୍ ବଦର୍'' ୧୯୫୨ ମସିହାରୁ ଲଗାତାର କାଦିଆନ୍ ଦାରୁଲ୍ ଅମାନ୍‌ରୁ ପ୍ରକାଶ ପାଉଅଛି । ଏବଂ ଜମାତ୍‌ର ଲୋକମାନଙ୍କର ଦିନୀ ଆବଶ୍ୟକତାକୁ ପୁରଣ କରୁଅଛି । ଏଥିରେ ପବିତ୍ର କୋରାନ୍‌ର ଆୟତ, ଆହାଦିଶେ ନବଓ୍ୱିୟା (ନବୀ ସ:ଆ:ସଙ୍କର କଥନ), ହଜରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ମଲ୍‌ଫୁଜାତ୍ ଓ ଲେଖନୀ ବ୍ୟତୀତ ସୟଦ୍‌ନା ହଜୁର୍ ନଅୁଓ୍ୱର୍ ଅ:ବ:ଅଙ୍କ ତାଜା ଖୁତ୍‌ବାଜୁମା ଓ ଅଭିଭାଷଣ ଓ ପ୍ରାଣବର୍ଦ୍ଧକ ବାର୍ତାମାନ, ଖୁତ୍‌ବାଜୁମା ପ୍ରଶ୍ନୋତର ଏବଂ ହଜୁର୍ ଅନୁଓ୍ୱରଙ୍କ ଦୌରା (ଗସ୍ତ) ର ଅତ୍ୟନ୍ତ ବିଶ୍ୱାସବର୍ଦ୍ଧକ ଏବଂ ଧାର୍ମିକ ଓ ସାଂସାରିକ ଶିକ୍ଷାରେ ପରିପୂର୍ଣ୍ଣ ରିପୋର୍ଟ୍ ଗୁଡ଼ିକ ପ୍ରକାଶ ହେଉଅଛି । ଏହାକୁ ଅଧ୍ୟୟନ କରିବା, ଏଗୁଡ଼ିକୁ ଅନ୍ୟ ଲୋକପର୍ଯ୍ୟନ୍ତ ପହଂଚାଇବା, ତା ଉପରେ ଅମଳ କରିବା ଏବଂ ସେଗୁଡ଼ିକ ମାଧ୍ୟମରେ ନିଜର ଓ ନିଜ ପିଲାମାନଙ୍କର ତାଲିମ୍ ତର୍‌ବିୟତ କରିବା ହେଉଛି ଆମ ସମସ୍ତଙ୍କର କର୍ତବ୍ୟ । ଏହି ସମସ୍ତ ଉଦ୍ଦେଶ୍ୟ ଗଡିକୁ ହାସଲ କରିବା ପାଇଁ ଅଖବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡ଼ିକୁ ହେପାଜତ୍ ସହିତ ନିଜ ନିକଟରେ ସୁରକ୍ଷା ରଖିବା ହେଉଛି ଆମ ସମସ୍ତଙ୍କର ଗୁରୁ ଦାୟିତ୍ୱ ।

ଦୀନି, ତାଲିମ୍ ଓ ତର୍‌ବିୟତ୍ ଉପରେ ଆଧାରିତ ଏହି ପବିତ୍ର ଖବରକାଗଜ ଏହା ଚାହୁଁଛି ଯେ ତାର ସମ୍ମାନ କରାଯାଉ । ସୁତରାଂ ଏହାକୁ ଅଦରକାରୀ ବସ୍ତୁ ରୂପେ ବିକ୍ରି କରିବା ହେଉଛି ଏହାର ସମ୍ମାନକୁ କ୍ଷୁର୍ଣ୍ଣ କରିବା ସହିତ ସମାନ । ଯଦି ଏହାକୁ ସମ୍ଭାଳିବା ସମ୍ଭବ ହେଉନଥିବ ତେବେ ଅତି ସନ୍ତର୍ପଣ ସହିତ ଏହାକୁ ନଷ୍ଟ କରିଦିଅନ୍ତୁ । ଯଦ୍ୱାରା ସେହି ପବିତ୍ର ଲେଖନୀ ଗୁଡ଼ିକର ଅସମ୍ମାନ ନହେବ । ଆଶା କରୁଛୁ କି ଜମାତ୍‌ର ସଦସ୍ୟଗଣ ଏଥିପ୍ରତି ବିଶେଷ ରୂପେ ଧ୍ୟାନ ଦେବେ ଓ ଏଥିରୁ ସମ୍ପୂର୍ଣ୍ଣ ରୂପେ ଲାଭ ଉଠାଇ ଏହି କଥାଗୁଡ଼ିକୁ ପାଳନ କରିବେ ।

(ବଦର କାର୍ଯ୍ୟାଳୟ)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଆମେରିକା ଗସ୍ତ - (ଅକ୍ଟୋବର ୨୦୧୮)

**୨୯ ଅକ୍ଟୋବର ୨୦୧୮(ସୋମବାର)**

**ଆମେରିକାର ମୁବଲ୍ଲିଗ୍‌ମାନଙ୍କର ହଜୁର ଅନଓ୍ୱରଙ୍କ ସହିତ ହୋଇଥିବା ସାକ୍ଷାତକାରର ବଳକା ଅଂଶ**

ହଜୁର ଅନଓ୍ୱର ଅ:ବ:ଅ ଗୋଟିଏ ପ୍ରଶ୍ନର ଉତରରେ ମଖ୍‌ରଜ୍ ସମ୍ବନ୍ଧରେ ହିଦାୟତ ଦେଇ କହିଲେ ଯେ, ନମାଜ୍ ପଢ଼ିବାକୁ ଯଦି ଆସୁଛନ୍ତି ତେବେ ଠିକ୍ ଅଛି ନିଶ୍ଚିତ ରୂପେ ଆସୁ କିନ୍ତୁ ତା'ଠାରୁ କୌଣସି ଯମାତି କାମ କର୍ମୀ ରୂପେ ମଧ୍ୟ ନେବ ନାହିଁ । ଆମେ ତାକୁ ଅହେମଦୀୟତରୁ ବାହାର କରିନାହୁଁ ବରଂ ନିଜାମ୍‌ରୁ ବାହାର କରିଅଛୁ । ନିଜାମ୍ ରେ ଯେଉଁ ବ୍ୟବସ୍ଥା ରହିଛି ସେଥିରେ ତାକୁ ସଂପୃକ୍ତ କରାଇବ ନାହିଁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ଜଣେ ମୁରବୀଙ୍କ କାର୍ଯ୍ୟ ହେଉଛି ଏହା କି ସେ ତା'ର ତରବିୟତ କରୁ ଓ ତାକୁ ବୁଝାଉ ଯେ, ସେ ନିଜାମେ ଯମାତ୍‌ର ଅଙ୍ଗ ହେଉ । ହଜୁର ଅନଓ୍ୱର ଅ:ବ:ଅ କହିଲେ ମତେ ଯେ କୌଣସି ଦଣ୍ଡିତ ବ୍ୟକ୍ତି ଚିଠି ଲେଖୁଛନ୍ତି ମୁଁ ତାଙ୍କୁ ପ୍ରତ୍ୟେକ୍ଷରୂପେ ଉତର ଦେଉନାହିଁ । ଯେତେବେଳେ ନିଜାମେ ଯମାତ୍ ତରଫରୁ ରିପୋର୍ଟ ପ୍ରାପ୍ତ ହେବ ଅଥବା ତାଙ୍କୁ କ୍ଷମା ଦେଇ ଦିଆଯିବ ତେବେ ପୁଣି ଠିକ୍ ଅଛି । ନିଜାମେ ଯମାତ୍‌ର ସମ୍ମାନକୁ ମଧ୍ୟ କାୟମ ରଖିବାକୁ ହେବ ଓ ଏମାନଙ୍କର ଇସଲାହ୍ ମଧ୍ୟ କରିବାକୁ ହେବ ।

ଜଣେ ମୁବ୍‌ଲିଗ୍ କହିଲେ ଯେ, ଗୋଟିଏ ଯମାତ୍‌ର ସଂଖ୍ୟା ବହୁତ ଅଛି ଉଦାହରଣ ସ୍ୱରୂପ ଆଠଶହରୁ ଅଧିକା ଲୋକେ ଅଛନ୍ତି । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯଦି ତର୍‌ବିୟତି କାର୍ଯ୍ୟର ଦୃଷ୍ଟି କୋଣରୁ ଆପଣ ମାନଙ୍କୁ ଅସୁବିଧା ହେଉଅଛି ତେବେ ଆପଣମାନେ ଅମିର ସାହେବଙ୍କୁ ଲେଖନ୍ତୁ ଫଳତଃ ସେ ଦୁଇଟି ଯମାତ୍ କରିଦେବେ ।

ଶେଷରେ ହଜୁର ଅନଓ୍ୱର ଅ:ବ:ଅ କହିଲେ କଥାର ସାରାଂଶ ହେଉଛି ଏହା କି, ଆପଣ ଯେଉଁ ମୁବ୍‌ଲିଗମାନେ ଅଛନ୍ତି ସମସ୍ତେ ନିଜ ଯମାତ୍ ସମ୍ମୁଖରେ ରୋଲ୍ ମଡ଼େଲ୍ ହେବା ଉଚିତ । ଉପାସନା ଅଛି, ନାମଜ୍ ଅଛି, ଉତମ ଚରିତ୍ର ଅଛି, କଥାବାର୍ତା ଅଛି, ଦିନିଇଲମ୍ ଅର୍ଥାତ୍ ଧର୍ମଜ୍ଞାନ ଅଛି, ସାଧାରଣ ଜ୍ଞାନ ଅଛି, ଦେଶର କାନୁନ ବ୍ୟବସ୍ଥାକୁ ମଧ୍ୟ ଜାଣିବା ଉଚିତ । ଆପଣମାନେ କେତେକ ସ୍ଥାନକୁ ଯମାତ୍‌ର ପ୍ରତିନିଧିତ୍ୱ କରିବାକୁ ଯାଉଛନ୍ତି ତେଣୁ ଦେଶର ଅବସ୍ଥାର ଜ୍ଞାନ ଆପଣମାନଙ୍କ ଠାରେ ରହିବା ଉଚିତ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଯମାତ୍‌ର ପ୍ରତ୍ୟେକ ସଦସ୍ୟଙ୍କ ମଧ୍ୟରେ ଏ ଅନୁଭବ ରହିବା ଉଚିତ କି, ଆପଣମାନେ କାହାର ପକ୍ଷ ନେଇ ପାତରଅନ୍ତର ନ କରନ୍ତୁ । ଯେତେବେଳେ ତାଙ୍କ ଖାନ୍‌ଦାନ୍‌ର ଆପୋଷ ମନମଳିନ୍ୟତା ଦେଖିବେ ସେତେବେଳେ ସେମାନଙ୍କୁ ବୁଝାନ୍ତୁ କିନ୍ତୁ କାହା ଘରେ ଯାଇ ଚା' ପିଇବେ ନାହିଁ ଯେ ପର୍ଯ୍ୟନ୍ତ ସେମାନଙ୍କ ର ମଧ୍ୟରେ ସୁଲ୍‌ହାସଫାଇ ନ ହୋଇଛି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ମୁଁ ଯେତେ ସବୁ କଥା କହିଲି ସମସ୍ତଙ୍କୁ ଏହାର ନୋଟିସ ନେବା ଉଚିତ । ହଜୁର ଅନଓ୍ୱର ଅ:ବ:ଅ କହିଲେ ଆପଣମାନେ ସମସ୍ତେ ଯେଉଁ ଖୁତ୍‌ବା ଜୁମା ଶୁଣୁଛନ୍ତି, ଏ କଥା ମଧ୍ୟ ଅଭ୍ୟାସରେ ପକାନ୍ତୁ ଯେ, ସେଥିରୁ ପଏଂଟ ବାହାର କରି ନୋଟିସ ନିଅନ୍ତୁ । ଆମର ଏଠି ୟୁ.କେ ରେ କିଛି ମୁବ୍‌ଲିଗ୍ ଅଛନ୍ତି ଯେଉଁମାନେ ଖୁତ୍‌ବାର ନୋଟିସ ନେଉଛନ୍ତି ଓ ପୁଣି ସପ୍ତାହ ଯାକ ସେଇ ନୋଟିସ ଗୁଡ଼ିକ ସେମାନଙ୍କ ଦରସ୍ ଦେବା ନିମନ୍ତେ କାର୍ଯ୍ୟରେ ଆସୁଛି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଅଲ୍‌ଫଜଲ୍‌କୁ ଅଧ୍ୟୟନ କରନ୍ତୁ । ହଜରତ ଖଲିଫତୁଲ୍ ମସିହିଲ୍ ସାନି ର:ଅ ସେହି ଲୋକମାନଙ୍କୁ ସମ୍ବୋଧନ କରି କହିଥିଲେ କି ଯେଉଁମାନେ ଅଲ୍‌ଫଜଲ୍ ପଢୁନଥିଲେ ମୁଁ ତ ଅଲ୍‌ଫଜଲ୍ ପଢୁଅଛି । ମୋ ପାଇଁ ତ କୌଣସି ନା କୌଣସି ବିଷୟରେ କୌଣସି ନୂଆ କଥା ମିଳିଯାଇଥାଏ । ହଜୁର ଅନଓ୍ୱର ଅ:ବ:ଅ କହିଲେ ଯାହାଙ୍କ ନିକଟକୁ ଅଲ୍‌ଫଜଲ୍ ଅଖିବାର ଆସୁନାହିଁ ସେମାନେ ମିଶ୍‌ନାରୀ ଇନ୍‌ଚାର୍ଜଙ୍କୁ ବତାନ୍ତୁ । ଅନଲାଇନ୍ ତ ଆସିଯାଉଛି । ହଜୁର ଅନଓ୍ୱର ଅ:ବ:ଅ କହିଲେ ଅଲ୍‌ଫଜଲ୍ ପଢ଼ିବା ଦ୍ୱାରା ଆପଣମାନଙ୍କ ଉର୍ଦ୍ଦୁ ଭାଷା ବହୁତ ଭଲ ହୋଇଯିବ ।

ହଜୁର ଅନଓ୍ୱର ଅ:ବ:ଅ ହିଦାୟତ ଦେଇ କହିଲେ ଯେ, ହଜରତ ମସିହ ମଉଦ ଆ:ସଙ୍କ ତଫ୍‌ସିରୁଲ୍ କୁର୍‌ଆନ୍ ପୁସ୍ତକକୁ ନିୟମିତ ଅଧ୍ୟୟନ କରନ୍ତୁ । ଏତଦ୍ ବ୍ୟତିତ ଅତିକମ୍‌ରେ ଅଧଘଂଟା ପ୍ରତିଦିନ ହଜରତ ମସିହ ମଉଦ ଆ:ସଙ୍କ କୌଣସି ନା କୌଣସି ପୁସ୍ତକକୁ ନିଶ୍ଚିତ ରୂପେ ପଢ଼ନ୍ତୁ ।

ୟୁ.ଏସ୍.ଏ ର ମୁବ୍‌ଲିଗ୍‌ମାନଙ୍କର ହଜୁର ଅନଓ୍ୱର ଅ:ବ:ଅ ଙ୍କ ସହିତ ଏହି ମିଟିଙ୍ଗ ଠିକ୍ ଆଠଟା ବେଳେ ଶେଷ ହେଲା ଏହାପରେ ହଜୁର ଅନଓ୍ୱର ଅ:ବ:ଅ ମସ୍‌ଜିଦ୍ ଚାଲିଗଲେ ଯେଉଁଠାରେ ପ୍ରୋଗ୍ରାମ ମୁତାବକ ତକ୍‌ରିବେ ଆମିନ୍ (ଆମିନ୍ ଉତ୍ସବ ଅନୁଷ୍ଠିତ ହେଲା)

**ତକ୍‌ରିବେ ଆମିନ୍ (ଆମିନ୍ ଉତ୍ସବ)**

ହଜୁର ଅନଓ୍ୱର ଅ:ବ:ଅ ନିମ୍ନଲିଖିତ ୨୦ ଜଣ ପୁଅଝିଅଙ୍କଠାରୁ ଗୋଟିଏ ଗୋଟିଏ ଆୟତ ଶୁଣିଲେ ଓ ଶେଷରେ ଦୁଆ କରାଇଲେ ।

ଅଜିଜ୍ ଆଶିର୍ ଅହମଦ୍, ମୁସ୍ତଫା କଓ୍ୱିମୁଦ୍ଦିନ୍, ଫହଦ୍ ମୁବାରିଜ୍ ଭଟ୍ଟି, ଯୁନୈଦ୍ ସିଦ୍ଦିକ୍, ମୁସ୍ତଫି ଅହେମଦ୍, ଶୋଏବ୍ ଅସ୍‌ଲମ୍ ଚୌଧୁରୀ, ଅସଦ୍ ଚୌଧରୀ, ମୁତାହର୍ ଅହମଦ୍ ଓ୍ୱାହିଲା ।

ଅଜିଜା ଅତିକାଃ ମୁଆଜ୍ ମିର୍ଜା, ଆଇଜ୍ ମେହମୁଦ୍, ଫାତ୍‌ମା ଜୋହରା, ଯାଜ୍‌ବାଃ ମନ୍‌ଶାଦ୍, ଲବିନା ମନ୍‌ଶୁର୍ ଅହମଦ୍, ମଶ୍‌ଅଲେ ଓ୍ୱକାର୍, ରିଜ୍‌ଓ୍ୱାନା ମୁଆଜ୍ ମିର୍ଜା, ସବିକାଃ ଅହେମଦ୍, ସୟଦାଃ ମଲାହତ୍, ନାଇଲା ଅମତୁଲ୍ ହଇ, ଫରହ୍‌ଃ ଇମାନ୍ ଅହମଦ୍ ଏବଂ ଅଦିଲା ଅମତୁଲ୍ ହଇ ।

ତକ୍‌ରିବେ ଆମିନ୍ ପରେ ହଜୁର ଅନଓ୍ୱର ଅ:ବ:ଅ ମଗ୍‌ରିବ୍ ଏବଂ ଇଶା ନମାଜକୁ ଯମା କରି ପଢ଼ାଇଲେ । ନମାଜ୍ ପାଠପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**୩୦ ଅକ୍ଟୋବର ୨୦୧୮ ମଙ୍ଗଳବାର**

ହଜୁର ଅନଓ୍ୱର ଅ:ବ:ଅ ଭୋର ୬.୩୦ରେ ମସଜିଦ୍ ବଇତୁର ରହମାନଠାରେ ପହଂଚି ଫଜର୍ ନମାଜ ପଢ଼ାଇଲେ । ନମାଜ ପାଠପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବସାସ୍ଥଳୀକୁ ଚାଲିଗଲେ ।

ସକାଳ ବେଳା ହଜୁର ଅନଓ୍ୱର ଅ:ବ:ଅ ଦଫତରି ଡ଼ାକ, ଚିଠିପତ୍ର ଓ ରିପୋର୍ଟସ ଇତ୍ୟାଦି ନିରିକ୍ଷଣ କଲେ ଓ ସେଥିରେ ଟିପ୍ପଣୀ ପ୍ରଦାନ କଲେ ।

ମସଜିଦ ବିଇତୁର ରହମାନଠାରୁ ଉଣା ଅଧିକେ ୫୦ ମାଇଲ ଦୂରତାରେ ମଜଲିସ୍ ଅନ୍‌ସାରୁଲା ୟୁ.ଏସ୍.ଏ ଅନ୍ତର୍ଗତ ଜାପା ଇଲାକାରେ ଗୋଟିଏ ନଦୀ କୂଳରେ ଏକ ହାଉସିଂ ସ୍କିମ ଉପରେ କାମ ହେଉଅଛି । ଯେଉଁଠି ସବୁତକ ଘର ଅହମଦୀ ମାନଙ୍କର ହିଁ ହେବ । ଏଠାରେ ୪୮ଟି ଘରର ନିର୍ମାଣ ଯୋଜନା ରଖାଯାଇଛି ଓ ଏଠାରେ ଗୋଟିଏ କମ୍ୟୁନିଟି ସେଂଟର ଓ ଗୋଟିଏ ମସଜିଦ ମଧ୍ୟ ଅଛି ।

ଆଜି ପ୍ରୋଗ୍ରାମ ମୁତାବକ ଉକ୍ତ

---

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ୍ୟ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

---

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ଓ୍ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

ତାଲିବେ ଦୁଆ: *Idrish Khan, Jamat Ahmadiyya, Kerang (Odisha)*

---

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମମାନଙ୍କର ଆଦର୍ଶ ହେଉଛନ୍ତି ସେହି ଲୋକମାନେ ଯାହାଙ୍କ ଉଦ୍ଦେଶ୍ୟରେ ଅଲ୍ଲାଃ ତାଲା କହିଛନ୍ତି ଯେ, କୌଣସି ବେପାର ବଣିଜ ଓ କିଣାବିକା ତାଙ୍କୁ ଜିକ୍‌ରୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ସ୍ତୁତିଗାନ କରିବା)ରୁ ରୋକେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Mufleh-u-ddin Khan, Jamat Ahmadiyya, Kerang (Odisha)*

---

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଏହି ନୁସ୍‌ଖା (ଅର୍ଥାତ୍ ବିଧି)କୁ ସର୍ବଦା ମନେରଖ ଓ ଏଥିରୁ ଲାଭ ଉଠାଅ ଅର୍ଥାତ୍ ଯେବେ କୌଣସି ଦୁଃଖ ବା ଦୁର୍ଦ୍ଦଶା ଆସେ ତେବେ ତତ୍‌କ୍ଷଣାତ୍ ନମାଜ୍‌ରେ ଛିଡ଼ା ହୋଇଯାଅ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୯୬)*

ତାଲିବେ ଦୁଆ: *Sharif-u-ddin Khan, Jamat Ahmadiyya, Kerang (Odisha)*

---

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ସେତେବେଳେ ବାସ୍ତବିକ ଅହେମଦି ହୋଇପାରିବା ଯେତେବେଳେ ଆମେ ଅସ୍ଥାୟୀ ଓ ସାଂସାରିକ କାମନା ଓ ଭୋଗବିଳାସକୁ ନିଜର ଉଦ୍ଦେଶ୍ୟ ନ ବନାଇବା''

*(ଖୁତ୍‌ବା ଯୁମାଃ ପ୍ରଦତ ୫ ମଇ ୨୦୧୭)*

ତାଲିବେ ଦୁଆ: *Amiruddin Khan & Family, Jamat Ahmadiyya, Kerang (Odisha)*

---

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Anisha Begum, Jamat Ahmadiyya, Kerang (Odisha)*

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian
ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516

Postal Reg. No.GDP-40/2017-2019 Vol.4 Thursday 25 July, 01 Aug 2019 Issue No. 30-31

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

ANNUAL SUBSCRIPTION:Rs.500/- (Per Issue:Rs.9/-) (WEIGHT - 20-50gms/issue)

ସ୍ଥାନକୁ ପରିଦର୍ଶନ କରିବାର ଥିଲା । ହଜୁର ଅନଓ୍ୱର ଅ:ବ:ଅ ଠିକ୍ ୯.୩୦ ରେ ନିଜ ଆବସାସ୍ଥଳୀରୁ ବାହାରକୁ ବାହାରି ସେଠାରୁ ଜାପା ନିମନ୍ତେ ଯାତ୍ରା ଆରମ୍ଭ କଲେ । ପାଖାପାଖି ଏକ ଘଂଟାର ଯାତ୍ରା କରିବା ପରେ ଠିକ୍ ୧୦:୩୦ ରେ ଏଠାରେ ପହଂଚିଲେ ।

ବର୍ତମାନ ଏଠାରେ ଚଉଦଟି ଘର ନିର୍ମାଣ ହୋଇସାରିଛି । ଗୋଟିଏ ବ୍ଲକରେ ଚାରଟି ଘର ରହିଛି ଏବଂ ଆଉ ଦୁଇଟି ବ୍ଲକରେ ପାଂଚଟି ଲେଖାଏଁ ଘର ରହିଛି । ହଜୁର ଅନଓ୍ୱର ଅ:ବ:ଅ ଉକ୍ତ ନିର୍ମାଣ ହୋଇସାରିଥିବା ଘର ଗୁଡ଼ିକୁ ପରିଦର୍ଶନ କଲେ ଏବଂ ଉକ୍ତ ହାଉସିଂ ଯୋଜନା ଓ ପ୍ଲାନିଙ୍ଗର ତଦାରଖ କଲେ ।

ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ ଏଜାଜ୍ ଅହେମଦ ଖାନ୍ ସାହେବଙ୍କ ଘରକୁ କିଛି ସମୟ ପାଇଁ ଗଲେ । ତା'ପରେ ମୋକରମ୍ ଅତାଉଲ୍ କରିମ୍ ଚୌଧୁରୀ ସାହେବ ରିଜିଓନାଲ୍ ନାଜିମ୍ ଆଲା ଅନ୍‌ଶାରୁଲାଃ ନର୍ଥଓ୍ୱେଷ୍ଟ ରିଜିଓନ୍‌ଙ୍କ ଘରକୁ ମଧ୍ୟ ପରିଦର୍ଶନ କଲେ । ବାଲ୍ଟିମ୍ୟୁର ପୂର୍ବତନ ସଦର ଯମାତ୍ ଡ଼ାକ୍ତର ଅମୀନ୍ ବେଗ୍ ସାହେବଙ୍କ ଘରକୁ ମଧ୍ୟ ହଜୁର ଅନଓ୍ୱର ଅ:ବ:ଅ କିଛି ସମୟ ପାଇଁ ଗଲେ ।

ଏହାପରେ ମୋକ୍‌ରମ୍ ଅବଦୁର୍ ରଫିକ୍ ଜିଦିରାନ୍ ସାହେବଙ୍କ ଘରକୁ ମଧ୍ୟ ହଜୁର ଅନଓ୍ୱର ଅ:ବ:ଅ କିଛି ସମୟ ପାଇଁ ଗଲେ । ରଫିକ୍ ଜିଦିରାନ୍ ସାହେବ ମଜ୍‌ଲିସ୍ ନୁସ୍‌ରତ୍ ଯାହାଁ ଅନ୍ତର୍ଗତ ଘାନା ଦେଶରେ ପାଖାପାଖି ୧୪ ବର୍ଷ ବିଭିନ୍ନ ହାଇସ୍କୁଲ୍‌ରେ ପ୍ରିନ୍ସିପାଲ ରହିଛନ୍ତି ।

ଉକ୍ତ ଘର ମାନଙ୍କ ମଧ୍ୟରେ ଗୋଟିଏ ଘର ୟୁ.ଏସ୍.ଏ ଯମାତ୍‌ର ଗେଷ୍ଟ ହାଉସ୍ ନିମନ୍ତେ ବିଶେଷ ରୂପେ ରଖାଯାଇଛି । ହଜୁର ଅନଓ୍ୱର ଅ:ବ:ଅ ଉକ୍ତ ଘରର ମଧ୍ୟ ନିରୀକ୍ଷଣ କଲେ । ଏଠାରେ ପ୍ରଥମ ବ୍ଲକରେ ଗୋଟିଏ ଘର ମର୍କଜୀ ଗେଷ୍ଟ ହାଉସ୍ ନିମନ୍ତେ ମଧ୍ୟ ନିର୍ମାଣ କରାଯାଇଛି । ହଜୁର ଅନଓ୍ୱର ଅ:ବ:ଅ ଉକ୍ତ ଗେଷ୍ଟ ହାଉସକୁ ମଧ୍ୟ ସବିଶେଷ ପରିଦର୍ଶନ କଲେ ଓ ତା' ଭିତରେ ଥିବା ପାର୍ଟିସନ୍ ପ୍ରସଙ୍ଗରେ କିଛି ହିଦାୟତ ଦେଲେ ।

ଏହାପରେ ମଜଲସ୍ ଅନ୍‌ସାରୁଲାଃର ଯେଉଁ ସଦସ୍ୟମାନେ ସେ ସମୟରେ ଉପସ୍ଥିତ ଥିଲେ ସେମାନେ ସମସ୍ତେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପାଇଲେ ।

ଏହାପରେ ଠିକ୍ ୧୧:୩୦ରେ ଏଠାରୁ ଫେରିଯିବାର ପ୍ରୋଗ୍ରାମ ଆରମ୍ଭ ହେଲା ଓ ଠିକ୍ ୧୨.୩୦ରେ ହଜୁର ଅନଓ୍ୱର ଅ:ବ:ଅ ମସଜିଦ୍ ବଇତୁର ରହମାନ୍ ଠାରେ ପହଂଚିଲେ ।

ହଜୁର ଅନଓ୍ୱର ଅ:ବ:ଅ ନିଜର ଦଫ୍‌ତରରେ ପର୍ଦାପଣ କଲେ ଯେଉଁଠି ପ୍ରୋଗ୍ରାମ ମୁତାବକ ଫ୍ୟାମିଲି ସାକ୍ଷାତକାର ଅନୁଷ୍ଠିତ ହେଲା ।

**ଫ୍ୟାମିଲି ସାକ୍ଷାତକାର**

ଆଜି ସକାଳ ବେଳାର ଏହି ସେସନ୍‌ରେ ୬୨ଟି ଫ୍ୟାମିଲିର ୨୯୪ ଜଣ ସଦସ୍ୟ ଓ ୭୬ ବ୍ୟକ୍ତିଗତ ସଦସ୍ୟ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଏହି ସମସ୍ତ ଫ୍ୟାମିଲି ଗୁଡ଼ିକ ଓ ବ୍ୟକ୍ତିଗତ ସଦସ୍ୟମାନେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ ଶିକ୍ଷା ଅର୍ଜନ କରୁଥିବା ଛାତ୍ରଛାତ୍ରୀମାନଙ୍କୁ କଲମ ଉପହାର ପ୍ରଦାନ କଲେ ଓ ଛୋଟ ଛୋଟ କୁନି ପିଲାମାନଙ୍କୁ ଚକଲେଟ୍ ପ୍ରଦାନ କଲେ ।

ଆଜି ସାକ୍ଷାତ କରିବାକୁ ଆସିଥିବା ସଦସ୍ୟମାନେ ଆମେରିକାର ନିମ୍ନଲିଖିତ ଯମାତ୍ ଗୁଡ଼ିକରୁ ଆସିଥିଲେ । ଓ୍ୱାଶିଂଟନର ବିଭିନ୍ନ ଯମାତ୍ ଗୁଡ଼ିକରୁ ଓ ପାକିସ୍ତାନରୁ ଆସିଥିବା ସଦସ୍ୟମାନଙ୍କ ବ୍ୟତିତ ସେଂଟ୍ରାଲ୍ ଭର୍ଜିନିୟା, ନର୍ଥ ଭର୍ଜିନିୟା, ଔଶ୍‌କୁସ୍, ଫ୍ଲାଡ଼େଲ୍‌ଫିୟା, ରିଚ୍‌ମଣ୍ଡ, ରିସର୍ଚ୍ଚଟ୍ରାଙ୍ଗଲ୍, ରୋଚିଷ୍ଟର, ସାଉଥ ଭର୍ଜିନିୟା ଏବଂ ତଲ୍‌ସା ଯମାତ୍‌ଗୁଡ଼ିକରୁ ସଦସ୍ୟମାନେ ସାକ୍ଷାତ କରିବାପାଇଁ ଏଠାରେ ପହଂଚିଥିଲେ । ଯେଉଁ ଫ୍ୟାମିଲିଗୁଡ଼ିକ ସବୁଠାରୁ ଅଧିକ ଦୂରତାକୁ ସଡ଼କ ପଥ ମାଧ୍ୟମରେ ଅତିକ୍ରମ କରି ଆସିଛନ୍ତି ସେମାନେ ୧୨୦୦ ମାଇଲ୍‌ର ଦୂରତାକୁ ପାଖାପାଖି ୧୯ ଘଂଟା ସମୟ ଅତିବାହିତ କରି ଏଠାରେ ପହଂଚିଥିଲେ ।

**ସାକ୍ଷାତକାର କରିଥିବା ଲୋକମାନଙ୍କର ବିଶ୍ୱାସ ବର୍ଦ୍ଧକ ମନୋଭାବ**

ସୟଦ ଦାଉଦ୍ ଅହମଦ୍ ସାହେବ ଯାହାଙ୍କ ସମ୍ବନ୍ଧ ସେଂଟ୍ରାଲ ଭର୍ଜିନିୟା ଯମାତ୍ ସହିତ ରହିଛି ସେ ସାକ୍ଷାତକାର ସମ୍ବନ୍ଧରେ ବର୍ଣ୍ଣନା କରି କହିଲେ ଯେ, ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଜୀବନର ଏହି ପ୍ରଥମ ସାକ୍ଷାତକାର ଆମ ଜୀବନର ଏକ ସ୍ୱର୍ଣ୍ଣିମ କ୍ଷଣ ଥିଲା । ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତକାର କରିବାର ସୌଭାଗ୍ୟ ମିଳିବା ମୋର ବହୁତ ଦିନର ସ୍ୱପ୍ନ ସାକାର ହେଲା । ଏହି ଦିନଟି ଆମ ପାଇଁ ବହୁତ ବର୍‌କତ୍‌ର ଦିନ ଥିଲା ।

ଆଉଜଣେ ବନ୍ଧୁ ମଲକ ଫାରୁକ୍ ମୁନୀବ୍ ସାହେବ ସାକ୍ଷାତକାର ସମ୍ବନ୍ଧରେ କହୁଛନ୍ତି କି, ଯେଉଁ କ୍ଷଣୀ ହଜୁର ଅନଓ୍ୱର ଅ:ବ:ଅଙ୍କ ପବିତ୍ର ଚେହେରା ଉପରେ ମୋର ଦୃଷ୍ଟି ପଡ଼ିଲା ସେତେବେଳେ ଏପରି ଅନୁଭବ ହେଉଥିଲା କି ହଜୁର ଅନଓ୍ୱର ଅ:ବ:ଅଙ୍କ ବାବରକ୍‌ତ ଅସ୍ତିତ୍ୱରୁ ନୂର୍ (ଅର୍ଥାତ୍ ଜ୍ୟୋତି)ର କିରଣ ବିଛୁରିତ ହେଉଥିଲା । ମୁଁ ନିଜକୁ ଆଜି ବହୁତ ସୌଭାଗ୍ୟଶାଳି ମନେ କରୁଛି ଯେ, ଆଜି ମତେ ବହୁ ଦିନ ପରେ ଏ ଯୁଗର ଇମାମ୍‌ଙ୍କ ଖଲିଫାଙ୍କୁ ଦର୍ଶନ କରିବା ଓ ସାକ୍ଷାତ କରିବାର ସୌଭାଗ୍ୟ ମିଳିଲା ।

ଅତାଉଲ୍ ଫହିମ୍ ସାହେବ ଯିଏ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତକାର କରିବା ପାଇଁ ଆଟ୍‌ଲାଂଟା ଜର୍ଜିୟାରୁ ବହୁତ ଲମ୍ବା ଯାତ୍ରା ଅତିକ୍ରମ କରି ଏଠାରେ ପହଂଚିଥିଲେ, ସେ ବର୍ଣ୍ଣନା କରୁଛନ୍ତି କି, ଯେଉଁ କ୍ଷଣି ମୁଁ ସାକ୍ଷାତ କରିବା ପାଇଁ ଦଫ୍‌ତର ଭିତରକୁ ପ୍ରବେଶ କଲି ସେତେବେଳେ ହଜୁର ଅନଓ୍ୱର ଅ:ବ:ଅଙ୍କ ପବିତ୍ର ଚେହେରାରେ ଏତେ ମାତ୍ରାରେ ନୂର୍ ଥିଲା ଯେ, ମୁଁ ହଜୁର ଅନଓ୍ୱର ଅ:ବ:ଅଙ୍କ ଆଡ଼କୁ ଅଧିକ ସମୟ ପର୍ଯ୍ୟନ୍ତ ଚାହିଁ ପାରିଲି ନାହିଁ ।

ମୁକ୍‌ରମ୍ ଉମର୍ ଖଲିଲ୍ ସାହେବ ଯିଏ, ଯମାତ୍ ରିଚମଣ୍ଡ ଭର୍ଜିନିୟାରୁ ସାକ୍ଷାତ କରିବାପାଇଁ ଆସିଥିଲେ, ସେ ବର୍ଣ୍ଣନା କରୁଛନ୍ତି କି, ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଆଜି ମୋର ଏହା ପ୍ରଥମ ସାକ୍ଷାତକାର ଥିଲା । ମୁଁ ମୋର ଖୁସୀକୁ ଶବ୍ଦରେ ବର୍ଣ୍ଣନା କରିପାରୁନାହିଁ । ମୁଁ ହଜୁର ଅନଓ୍ୱର ଅ:ବ:ଅଙ୍କୁ ଗୋଟିଏ ମୁଦୀ ନିବେଦନ କରିବାରେ ହଜୁର ଅନଓ୍ୱର ଅ:ବ:ଅ ମୋ ମୁଦିଟିକୁ ନେଇ ତାକୁ ବାବର୍‌କତ୍ କରି ମୋତେ ଫେରାଇଦେଲେ ।

ମୁକ୍‌ରମ୍ ଅଲୀ ଚୌଧୁରୀ ସାହେବ ଯିଏ ମ୍ୟାରିଲ୍ୟାଣ୍ଡରେ ରହୁଛନ୍ତି ସେ ସାକ୍ଷାତକାର କରିସାରିବା ପରେ ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି ଯେ, ହଜୁର ଅନଓ୍ୱର ଅ:ବ:ଅଙ୍କ ଦଫ୍‌ତରରେ ପ୍ରବେଶ କରିବା କ୍ଷଣି ଏପରି ଲାଗୁଛି କି, ଯେପରି ସମୟ ଅଟକି ଯାଇଛି ଏବଂ ଆପଣ ଗୋଟିଏ ନୂଆ ଆଧ୍ୟାତ୍ମିକ ସଂସାରରେ ପ୍ରବେଶ କରୁଅଛନ୍ତି । ଖିଲାଫତ୍‌ର ଦରବାରର ଆଧ୍ୟାତ୍ମିକ ଆଲୋକ ଓ ଜ୍ୟୋତିପୂର୍ଣ୍ଣ ଦୃଶ୍ୟ ଅତ୍ୟନ୍ତ ଅବର୍ଣ୍ଣନୀୟ । ହଜୁର ଅନଓ୍ୱର ଅ:ବ:ଅ ଯମାତ୍‌ର ପ୍ରତ୍ୟେକ ସଦସ୍ୟଙ୍କ ପାଇଁ ଦରଦ ରଖିଛନ୍ତି ଓ ଛୋଟ ଛୋଟ କଥା ଉପରେ ମଧ୍ୟ ହଜୁର ଦୃଷ୍ଟି ରଖିଛନ୍ତି । ସାକ୍ଷାତକାର କରିବା ସମୟରେ ହଜୁର ମୋର ଏବଂ ମୋ ସ୍ତ୍ରୀଙ୍କ ଚାକିରି ସମ୍ବନ୍ଧରେ ମଧ୍ୟ ପଚାରି ବୁଝିଲେ ।

ଦାଉଦ୍ ଅହେମଦ୍ ସାହେବ ନିଜ ଫ୍ୟାମିଲି ସହିତ ସାକ୍ଷାତ କରିବା ପାଇଁ ଆସିଥିଲେ, ସେ କହୁଛନ୍ତି କି, ଆମେ ୧୮ ବର୍ଷ ହେବ ଆମେରିକାରେ ବସବାସ କରୁଛୁ କିନ୍ତୁ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଏହା ଆମର ପ୍ରଥମ ସାକ୍ଷାତକାର ଥିଲା । ଆମେ ହଜୁର ଅନଓ୍ୱର ଅ:ବ:ଅଙ୍କୁ ଦୂଆ କରିବା ନିମନ୍ତେ ଅନୁରୋଧ କଲୁ । ତାଙ୍କ ଝିଅ ବତାଇଲେ ଯେ, ହଜୁର ଅନଓ୍ୱର ଅ:ବ:ଅଙ୍କ ପବିତ୍ର ଚେହେରାରେ ନୂର ହିଁ ନୂର ଥିଲା । ଏହି ସାକ୍ଷାତକାର ଅତ୍ୟନ୍ତ ଯାଦୁଗରି ଓ ସୁନ୍ଦର ଥିଲା । ହଜୁର ଅନଓ୍ୱର ଅ:ବ:ଅ ଆମ ସହିତ ଏତେ ପ୍ରେମର ସହିତ ମିଳିଲେ ଯେ, ସେହି ସାକ୍ଷାତକାର ଓ ନିଜ ଆକାଙ୍କର ପ୍ରେମଭାବର ନକ୍‌ସା ଆମ ହୃଦୟରେ ସବୁଦିନ ପାଇଁ ଛାପି ହୋଇ ରହିଗଲା ।

ସାକ୍ଷାତକାରର ଏହି ପ୍ରେଗ୍ରାମ ୩:୩୦ ପର୍ଯ୍ୟନ୍ତ ଜାରି ରହିଲା ଏହାପରେ ହଜୁର ଅନଓ୍ୱର ଅ:ବ:ଅ ମସ୍‌ଜିଦ୍ ବଇତୁର ରହମାନ୍‌ଠାରେ ପହଂଚି ଯୋହର୍ ଏବଂ ଅସର ନାମଜ ଯମା କରି ପଢ଼ାଇଲେ । ଏହା ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**ମଜ୍‌ଲିସ୍ ଅନ୍‌ସାରୁଲାଃ ୟୁ.ଏସ୍.ଏର ନ୍ୟାସନାଲ୍ ଆମେଲାର ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତକାର**

ପ୍ରୋଗ୍ରାମ ମୁତାବକ ଠିକ୍ ୬.୨୦ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ମିଟିଙ୍ଗ ରୁମ୍ ଭିତରକୁ ପ୍ରେବେଶ କଲେ । ଯେଉଁଠାରେ ନ୍ୟାସନାଲ୍ ମଜ୍‌ଲିସ୍ ଅନ୍‌ସାରୁଲାଃ ୟୁ.ଏସ୍.ଏର ହଜୁର ଅନଓ୍ୱରଙ୍କ ସହିତ ମିଟିଙ୍ଗ ଆରମ୍ଭ ହେଲା । ମିଟିଙ୍ଗର ପ୍ରାରମ୍ଭରେ ହଜୁର ଅନଓ୍ୱର ଅ:ବ:ଅ ଦୁଆ କରାଇଲେ ।

ତା'ପରେ ହଜୁର ଅନଓ୍ୱର ଅ:ବ:ଅ ସର୍ବପ୍ରଥମେ କାଏଦ୍ ଉମୁମିଙ୍କୁ ପଚାରିଲେ ଯେ, ସର୍ବ ମୋଟ କେତୋଟି ମଜ୍‌ଲିସ୍ ଅଛି ଓ କ'ଣ ସମସ୍ତଙ୍କଠାରୁ ରିପୋର୍ଟ ଆସୁଛି କି ଏବଂ ଆପଣ କ'ଣ ମର୍କଜକୁ ରିପୋର୍ଟ ପଠାଉଛନ୍ତି କି? ଏଥିରେ କାଏଦ୍ ଉମୁମି କହିଲେ ଯେ, ଆମେରିକାରେ ଅନ୍‌ସାରୁଲାଃର ମୋଟ ୭୩ଟି ମଜ୍‌ଲିସ୍ ଅଛି ସେ ସବୁକୁ ୧୩ଗୋଟି ରିଜିଓନ୍‌ରେ ବ୍ୟଭକ୍ତ କରାଯାଇଛି । ସମସ୍ତ ମଜ୍‌ଲିସ୍‌ଙ୍କଠାରୁ ରିପୋର୍ଟ ହସ୍ତଗତ ହେଉଅଛି । ଓ ନିୟମିତ ପ୍ରତ୍ୟେକ ମାସ ମର୍କଜକୁ ମଧ୍ୟ ରିପୋର୍ଟ ପଠାଯାଉଛି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ କେବଳ ରିପୋର୍ଟ ହାସଲ କରୁଛନ୍ତି କାମ ହେଉ ବା ନହେଉ? ଏଥିରେ କାଏଦ୍ ଉମୁମି ସାହେବ କହିଲେ ଯେ, ସମସ୍ତ ମଜ୍‌ଲିସ୍ ଗୁଡ଼ିକରେ ଭିନ୍ନ ଭିନ୍ନ ପ୍ରୋଗ୍ରାମ ଅନୁଷ୍ଠିତ ହେଉଅଛି ଓ ସେଗୁଡ଼ିକର ବିବରଣି ମଜ୍‌ଲିସ୍‌ର ରିପୋର୍ଟରେ ଦରଜ ହେଉଛି ।

ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ କାଏଦ୍ ତାଲିମୁଲ୍ କୁର୍‌ଆନ୍ କହିଲେ ଯେ, ହଜୁର ଅନଓ୍ୱର ଅ:ବ:ଅଙ୍କ ନିର୍ଦ୍ଦେଶାବଳୀର ଆଲୋକରେ ଆମର ଏ ଲକ୍ଷ୍ୟ ରହିଛି ଯେ, ସତପ୍ରତିଶତ ଅନ୍‌ସାରୁଲାଃ ପ୍ରତ୍ୟହ ପବିତ୍ର କୋରାନ୍ ପାଠ କରନ୍ତୁ । ବର୍ତମାନର ରିପୋର୍ଟ ମୁତାବକ ୬୨% ଅନ୍‌ସାର ପ୍ରତ୍ୟେକ ଦିନ ପବିତ୍ର କୋରାନ୍ ପାଠ କରୁଛନ୍ତି ।

ହଜୁର ଅନଓ୍ୱର ଅ:ବ:ଅ ପଚାରିଲେ ଯେ, କ'ଣ ଓ୍ୱକ୍‌ଫେ ଆର୍ଜି ଆପଣଙ୍କ ବିଭାଗର ଦାୟିତ୍ୱ କି, କେତେ ଜଣ ଅନ୍‌ସାର ଓ୍ୱକ୍‌ଫେ ଆର୍ଜି କରିଛନ୍ତି? ଏଥିରେ କାଏଦ୍ ସାହେବ ତାଲିମୁଲ୍ କୁର୍‌ଆନ୍ କହିଲେ ଯେ, ପଛ ବର୍ଷ ମୋଟ ୫୨ ଜଣ ଅନ୍‌ସାର ଓ୍ୱକ୍‌ଫେ ଆର୍ଜି କରିଥିଲେ ଯେବେ କି ଏ ବର୍ଷର ଗଣନା ବର୍ତମାନ ଆମ ନିକଟରେ ମହଜୁଦ୍ ନାହିଁ ।

⌘⌘⌘⌘⌘⌘⌘⌘⌘⌘⌘

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan